**ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯାଉ**

ପୁରୁଣା ଭୁବନେଶ୍ୱର,(ସୁବାସ ଚନ୍ଦ୍ର ପ୍ରଧାନ): ପୁରୀ ଶ୍ରୀମନ୍ଦିରର ଚାରି ଦ୍ୱାର ଭକ୍ତମାନଙ୍କ ପାଇଁ ଖୋଲାଯିବାକୁ ଦାବି କରିଛି ଏକାମ୍ର ଜନଜାଗରଣ ମଞ୍ଚ। ଏନେଇ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରେରଣ କରାଯାଇଛି। ଶ୍ରୀମନ୍ଦିର ଭିତରକୁ ପ୍ରବେଶ ନିମନ୍ତେ ଚାରିଦ୍ୱାର ଥିବା ସତ୍ତ୍ୱେ ଏବେ ଗୋଟିଏ ଦ୍ୱାରରେ ଶ୍ରଦ୍ଧାଳୁଙ୍କୁ ଯିବା ପାଇଁ ଅନୁମତି ରହିଛି। ଫଳରେ ଉକ୍ତ ଦ୍ୱାରରେ ପ୍ରବଳ ଭିଡ଼ ହେଉଛି। ବହୁ ସମୟରେ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦର୍ଶନ ନ କରିପାରି ଫେରିଯାଉଥିବା ନଜିର ରହିଛି। ତେଣୁ ଚାରିଦ୍ୱାର ଖୋଲାଯିବା ସହ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ସୁରକ୍ଷା କର୍ମୀ ନିୟୋଜିତ ଏବଂ ମେଟାଲ ଡିଟେକ୍ଟର ମାଧ୍ୟମରେ ଯାଞ୍ଚ କରାଯିବା ଆଦି ଦାବି ରହିଛି।



## ଭୁବନେଶ୍ୱରରେ ରାଷ୍ଟ୍ରପତି


ରାଷ୍ଟ୍ରପ୍ରତି ଦ୍ରୌପଦୀ ମୁର୍ମୁ ବିମାନ ବନ୍ଦରରୁ ବାହାରିବା ପରେ କାର୍‌କେଡ୍‌ରୁ ଓହ୍ଲାଇ ଚାଲି ଚାଲି ଲୋକଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।


ରାଷ୍ଟ୍ରପତି ଭାବେ ଶପଥ ନେବାର ଏକବର୍ଷ ପୂର୍ତ୍ତି ଅବସରରେ ରାଜଭବନରେ ଦ୍ରୌପଦୀ ମୁର୍ମୁ କେକ୍ କାଟୁଛନ୍ତି।



ରାଜଭବନରେ ଆୟୋଜିତ ସ୍ୱାଗତ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସହ ରାଷ୍ଟ୍ରପତି।



ରାଜଭବନରେ ରାଜ୍ୟପାଳ, ମୁଖ୍ୟ ଶାସନ ସଚିବ, ଅତୁଟ ବନ୍ଧନ ପରିବାର ଓ ଅନ୍ୟ ପଦାଧିକାରୀଙ୍କ ସହ ରାଷ୍ଟ୍ରପତି।


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଆଦିବାସୀ ନୃତ୍ୟ ଓ ବାଦ୍ୟରେ ସ୍ୱାଗତ କରାଯାଉଛି।

## ସଂକ୍ଷେପରେ

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ଭୁବନେଶ୍ୱର,୨୫।୭(ସତ୍ୟଜିତ୍ ରାଉତ):** ଭୁବନେଶ୍ୱର ଉପକଣ୍ଠ ସରକାନ୍ତରା ଲେଭଲ୍ କ୍ରସିଂ ନିକଟ ରେଳଧାରଣାରୁ ମଙ୍ଗଳବାର ସକାଳେ ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି ଭୁବନେଶ୍ୱର ସରକାରୀ ରେଲୱେ ଥାନା ପୋଲିସ (ଜିଆର୍‌ପି)। ମୃତକ ହେଲେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡମା ରଘୁନାଥ ନଗର ଅଞ୍ଚଳରେ ରହୁଥିବା ପ୍ରଶାନ୍ତ ସାହୁ (୪୫)। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରଶାନ୍ତଙ୍କ ରେଳ ଧାରଣାରେ ପଡ଼ିଥିବାବେଳେ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା। ଟ୍ରେନ୍ ଧକ୍କା ନା ଅନ୍ୟ କୌଣସି କାରଣରୁ ତାଙ୍କର ମୃତ୍ୟୁ ଘଟିଛି ସେନେଇ ଜିଆର୍‌ପି ଏକ ଅପମୃତ୍ୟୁ ମାମଲା (ନଂ.୫୭/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି।

### ଆଇଏଏସ୍ ଗୁରୁକୁଳରେ ୨୦୦ ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ କୋଚିଂ

**ଭୁବନେଶ୍ୱର,୨୫।୭(ଅଭିଜିତ ଦାସ):** ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି ୨୦୦ମେଧାବୀ ଗରୀବ ଛାତ୍ରୀଛାତ୍ରମାନଙ୍କୁ ଏକ ବର୍ଷ ପାଇଁ ଆଇଏଏସ୍ ଗୁରୁକୁଳ ନିଃଶୁଳ୍କ ଅନ୍‌ଲାଇନ କୋଚିଂର ବ୍ୟବସ୍ଥା କରିଛି। ସଂସ୍ଥାପକ୍ଷରୁ ପ୍ରତିଦିନ ଅନ୍‌ଲାଇନ ମାଧ୍ୟମରେ ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଛି। ଉକ୍ତ ଶିକ୍ଷାଦାନକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଥିବା ବେଳେ ପ୍ରଥମ ଗ୍ରୁପରେ ଓଏଏସ୍ ଓ ଆଇଏଏସ୍ ପାଇଁ ୧୦୦ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଛି। ସେହିପରି ଅନ୍ୟାନ୍ୟ ପ୍ରତିଯୋଗୀତାମୂଳକ ପରୀକ୍ଷା ଯଥା- ବ୍ୟାଙ୍କ, ରେଲୱେ, ପ୍ରତିରକ୍ଷା, ପୋଲିସ, ଓପିଏସ୍‌ସି, ଏଏସ୍‌ଓ, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ, ଓଡିଶା ଇଞ୍ଜିନିୟରିଂ ସର୍ଭିସ, ସିଜିଏଲ ଆଦି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ୧୦୦ଜଣ ମେଧାବୀଙ୍କୁ ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ଲାଗି କୋଚିଂ ଦିଆଯାଉଛି।

### ଓଡ଼ିଶା ଜଳଯୋଗାଣ ଓ ପରିମଳ ପରିଷଦ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୨୫।୭(ସୁନିତ୍ ମିଶ୍ର): ଓଡ଼ିଶା ଜଳଯୋଗାଣ ଓ ପରିମଳ ପରିଷଦ କର୍ମଚାରୀ ସଂଘର ଏକ ଜରୁରୀ କାର୍ଯ୍ୟକାରିଣୀ ବୈଠକ ନୟାପଲ୍ଲୀସ୍ଥିତ ସଂଘ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ତପନ ବିହାରୀ ଭଞ୍ଜଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀରେ ଦୀର୍ଘ ୨୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରିଆସୁଥିବା ଡିଏଲ୍‌ଆର୍ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଛି। ଆଗକୁ ହେବାକୁ ଥିବା ବିଧାନସଭା ଅଧିବେଶନ ପୂର୍ବରୁ ଯଦି ସ୍ୱେରେଜ ବୋର୍ଡର ସମସ୍ତ ଡିଏଲ୍‌ଆର୍‌ଙ୍କୁ ସ୍ଥାୟୀ ନିଯୁକ୍ତି ନ ମିଳେ ତେବେ ବିଧାନସଭା ସମ୍ମୁଖରେ ସମୂହ ଆତ୍ମାହୁତି ଦେବା ଲାଗି ସଂଘ ନିଷ୍ପତ୍ତି ନେଇଛି।

# ସଦସ୍ୟ ଦେୟ ବିନିଯୋଗର ଯାଞ୍ଚ ଦାବି କଲେ ପ୍ରଯୋଜକ

### ବଢୁଛି ଓଏଫ୍‌ପିଏ ବିବାଦ

**ଭୁବନେଶ୍ୱର,୨୫।୭(ଶର୍ମିଷ୍ଠା ପାଣିଗ୍ରାହୀ)**


ବୈଠକରେ ଉପସ୍ଥିତ ପ୍ରଯୋଜକ।

ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ(ୟୁସିସି) ସହ ଜଡ଼ିତ ଓଡ଼ିଶା ଫିଲ୍ମ ପ୍ରଡ୍ୟୁସର ଆସୋସିଏଶନ୍(ଓଏଫ୍‌ପିଏ)କୁ ନେଇ ବିବାଦ ବଢ଼ିବାରେ ଲାଗିଛି। ୧୯୯୩ରେ ୟୁସିସିକୁ ବରିଷ୍ଠ ପ୍ରଯୋଜକ ବସନ୍ତ ନାୟକ ଗଠନ କରିଥିଲେ। ଦୀର୍ଘ ୩୦ବର୍ଷ ଧରି ଚାଲି ଆସିଥିବା ୟୁସିସିରେ ବସନ୍ତଙ୍କ ଦେହାନ୍ତ ପରଠାରୁ ଠିକ୍ ଢଙ୍ଗରେ ନିର୍ବାଚନ ହେଉନାହିଁ। ଏଥିସହିତ ଓଏଫ୍‌ପିଏରେ ପାଖାପାଖି ୩ କୋଟି ଟଙ୍କାର ଅର୍ଥ ଅନିୟମିତତା ଅଭିଯୋଗ ଘଟଣା ହାଇକୋର୍ଟଙ୍କ ପରେ ଏବେ ଥାନାରେ ପହଞ୍ଚିଛି। ସୋମବାର ପୁରୀଘାଟ ଥାନା ପୋଲିସ ନିକଟରେ ୬ଜଣ ପ୍ରଯୋଜକ ଏଭଳି ଅଭିଯୋଗ ଆଣିଛନ୍ତି। ହେଲେ ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଆସିଥିବାରୁ ଅଭିଯୋଗ ନେଇ ପୋଲିସ ଅପରପକ୍ଷଙ୍କ ନିକଟରେ ପହଞ୍ଚି ପାରିନାହିଁ।

ଅପରପକ୍ଷରେ ମଙ୍ଗଳବାର ଭୁବନେଶ୍ୱରରେ ପ୍ରଯୋଜକମାନେ ମିଶି ଏକ ବୈଠକ କରିଛନ୍ତି। ବୈଠକରେ ଉପସ୍ଥିତ ଥିବା ପ୍ରଯୋଜକ ଏନ.ଜି ରେଡ୍ଡି କହିଛନ୍ତି, ୟୁସିସି ଏକ ଅନୁବନ୍ଧିତ ସଂସ୍ଥା ହୋଇଥିବାବେଳେ ଓଏଫ୍‌ପିଏ ସ୍ୱୀକୃତିପ୍ରାପ୍ତ ସଂସ୍ଥା ଭାବେ ପଞ୍ଜୀକୃତ ହୋଇନାହିଁ। ଓଏଫ୍‌ପିଏରେ ଯୋଡ଼ି ହେଲାପରେ ଏହାର ନିୟମ, କାର୍ଯ୍ୟକ୍ରମ ନେଇ ଅନେକ ଥର ପ୍ରଶ୍ନ କରାଯାଇଛି। ହେଲେ ଆସୋସିଏଶନ୍‌ର ମୁଖ୍ୟ ଏ ନେଇ କୌଣସି ଉତ୍ତର ରଖୁନାହାନ୍ତି। ଏପରି କି ପ୍ରଯୋଜକମାନେ ଦେଉଥିବା ସଦସ୍ୟ ଦେୟ ବିଷୟରେ କୌଣସି ସୂଚନା ଦିଆଯାଉ ନାହିଁ। ଆସୋସିଏଶନ ନିର୍ବାଚନ ଠିକ୍ ଭାବେ ହେଉ ନ ଥିବା ବେଳେ ବର୍ଷକୁ ବର୍ଷ ସଦସ୍ୟତା ଦେୟ ବଢ଼ିବାରେ ଲାଗି ଏବେ ୫୦ହଜାରରେ ପହଞ୍ଚିଲାଣି। ତାହା ଜଣେ ସଦସ୍ୟଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ଯାଉଛି। ତେଣୁ ସଦସ୍ୟ ଦେୟ ବାବଦରେ ପ୍ରଯୋଜକଙ୍କ ଟଙ୍କା କେଉଁ କ୍ଷେତ୍ରରେ ବିନିଯୋଗ ହୋଇଛି ତାହାର ଯାଞ୍ଚ କରାଯାଉ ବୋଲି ସେ କହିଛନ୍ତି। ସେହିପରି ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) ମଧ୍ୟ ଓଏଫ୍‌ପିଏକୁ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରୁଛି। ଓଏଫ୍‌ପିଏ ଏକ ପଞ୍ଜିକୃତ ସଂସ୍ଥା ହୋଇ ନ ଥିବାବେଳେ ଓଏଫ୍‌ଡିସି କିଭଳି ଏହାକୁ ନିଜ କାର୍ଯ୍ୟକ୍ରମରେ ସାମିଲ କରିଛି ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ରେଡ୍ଡୀ କହିଛନ୍ତି। ଏହି ବୈଠକରେ ପ୍ରଯୋଜକ ସଞ୍ଜୟ ନାୟକ, ଜ୍ୟୋତିରଞ୍ଜନ ମହାନ୍ତି, ରବୀନ୍ଦ୍ର ପଣ୍ଡା, ବିନି ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଓଏଫ୍‌ପିଏ ସଭାପତି ଯୁଗଳ ଦେବତା କହିଛନ୍ତି, ଯଦି କୌଣସି ଅନିୟମିତତା ହୋଇଛି କିମ୍ବା ଅସୁବିଧା ହେଉଛି ଅଭିଯୋଗକାରୀ ଲିଖିତ ଭାବେ ଆସୋସିଏଶନ ନିକଟରେ କୌଣସି ଅଭିଯୋଗ ଦେଇନାହାନ୍ତି। କିଛି ଅଭିଯୋଗ ହୋଇଥିଲେ ଏହାର ସମାଧାନ କିମ୍ବା ଉତ୍ତର ରଖିଥାନ୍ତି। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ଏହା ଉପରେ ଅଧିକ କହିବା ଠିକ୍ ହେବ ନାହିଁ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏଡିଏମ୍ ତଥା ଆଡିଶନାଲ ରେଜିଷ୍ଟ୍ରାର ଅଫ୍ ସୋସାଇଟି, କଟକ ଓଏଫ୍‌ପିଏ ସଦସ୍ୟଙ୍କୁ ନେଇ ମଙ୍ଗଳବାର ଏକ ବୈଠକ ଡାକିଥିଲେ। ହେଲେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଶେଷ ମୁହୂର୍ତ୍ତରେ ଉକ୍ତ ବୈଠକୁ ବାତିଲ କରାଯାଇଛି।


ଭୁବନେଶ୍ୱରରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଓ ଡେଙ୍ଗୁକୁ ନେଇ ଭାଜପା ପକ୍ଷରୁ ବିଏମ୍‌ସି ଅଫିସ୍ ଘେରାଉ କରାଯାଉଛି।

# ୧୬୪ତମ ଆୟକର ଦିବସ




**ଭୁବନେଶ୍ୱର,୨୫।୭**

- ୨୦୨୨-୨୩ ଆର୍ଥିକ ବର୍ଷରେ ୧୯,୨୬୫.୪ ଟଙ୍କାର ଟିକସ ସଂଗ୍ରହ
- ଧାର୍ଯ୍ୟଲକ୍ଷ୍ୟ ପୂରଣ କରିଛି ଆଞ୍ଚଳିକ କାର୍ଯ୍ୟାଳୟ

ଆୟକର ବିଭାଗର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ୧୬୪ତମ ଆୟକର ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମୁଖ୍ୟ ପ୍ରବନ୍ଧକ ମନୋଜ ଶର୍ମା, ନାଲ୍‌କୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ତଥା ଚେୟାରମ୍ୟାନ ଶ୍ରୀଧର ପାତ୍ର, ପାରାଦୀପ ବନ୍ଦରର ଚେୟାରମ୍ୟାନ ପି.ଏଲ୍.ହାରାନ୍ଧ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିସିଆଇଟି (ଓଏସ୍‌ଡି) ଡି.କେ. ମିଶ୍ର ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଆୟକର ବିଭାଗର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ସଫଳତା ଓ ବାର୍ଷିକ କାର୍ଯ୍ୟ ଫଳାଫଳ ସମ୍ପର୍କରେ ବିସ୍ତୃତ ସୂଚନା ବିଭାଗ ପକ୍ଷରୁ ଦିଆଯାଇଥିଲା। ବିଶେଷ କରି ୨୦୨୨-୨୩ ଆର୍ଥିକ ବର୍ଷରେ ବିଭାଗର ଲକ୍ଷ୍ୟଧାର୍ଯ୍ୟ ୧୮,୧୦୦ କୋଟି ଟଙ୍କା ଥିବାବେଳେ ୧୯,୨୬୫.୪୦ ଟଙ୍କାର ଟିକସ ଆଦାୟ ହୋଇଥିଲା। ଏପରିକି ଆୟକର ଢାଞ୍ଚାରେ ପରିବର୍ତ୍ତନ ପାଇଁ ସରକାରଙ୍କ ଦ୍ୱାରା ଅନେକ ବିକାଶମୂଳକ କାର୍ଯ୍ୟକ୍ରମର ପ୍ରଚଳନ କରାଯାଇଛି। ଏହାର ଫଳ ସ୍ୱରୂପ ଆୟକର ବିବରଣୀ ପ୍ରୋସେସ୍ ଶୀଘ୍ର ଓ ତ୍ରୁଟିଶୂନ୍ୟ ହୋଇପାରିଛି। ସେହିଭଳି ଶତପ୍ରତିଶତ ଆୟକର ବିବରଣୀ ଦାଖଲ ଦିନ ହିଁ ପ୍ରୋସେସ୍ ହୋଇଯାଉଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଆୟକର ବିବରଣୀ ଦାଖଲ କରିବାର ୩୦ ଦିନ ମଧ୍ୟରେ ୮୦% ରିଫଣ୍ଡ ଫେରସ୍ତ ହୋଇପାରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୬୦% ଅଧିକ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଆୟକର ଦାତା ଓ ଆୟକର ଅଧିକାରୀଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗ ବିଚ୍ଛିନ୍ନ କରିବା ଓ ତ୍ରୁଟିଶୂନ୍ୟ ଆସେସ୍‌ମେଣ୍ଟ ପାଇଁ ସରକାରଙ୍କ ଦ୍ୱାରା ଫେସ୍‌ଲେସ୍ ଆସେସ୍‌ମେଣ୍ଟ ପ୍ରଚଳନ କରାଯାଇଛି। ଏପରିକି ଆୟକରଦାତାଙ୍କ ଅଭିଯୋଗ ଶୀଘ୍ର ଓ ତ୍ରୁଟିଶୂନ୍ୟ ସମାଧାନ ପାଇଁ ସିପିଜିଆର୍‌ଏଏମ୍‌ଏସ୍ ଓ ଇ-ନିବାରଣ ପରି ଅନ୍‌ଲାଇନ ଅଭିଯୋଗର ବ୍ୟବସ୍ଥା ଆୟକର ବିଭାଗ ପକ୍ଷରୁ ପ୍ରଚଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଆଞ୍ଚଳିକ କାର୍ଯ୍ୟାଳୟ ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର କମିଶନର ମୋରା ଭୁପାଳ ରେଡି ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବରିଷ୍ଠ ଅଧିକାରୀମାନଙ୍କୁ ସମ୍ମାନିତ କରିଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ସାଥୀ ଭିକାରୀଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡ

**ଭୁବନେଶ୍ୱର,୨୫।୭(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ରେଳ ଷ୍ଟେଶନରେ ସାଥୀ ଭିକାରୀଙ୍କୁ ହତ୍ୟା ମାମଲାରେ ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍ ଅଦାଲତରେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ମାମଲାରେ ଅଭିଯୁକ୍ତ ଶଙ୍କର ପାଣ୍ଡେଙ୍କୁ ଆଜୀବନ ଜେଲଦଣ୍ଡ ହୋଇଛି। ଏଥିସହ ୧୦ ହଜାର ଟଙ୍କାର ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଏହି ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ବିଚାରପତି ନିଶିତ୍ ନିଶାଙ୍କ୍ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଏପ୍ରିଲ ୨୩ରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଅଭିଯକ୍ତ ଶଙ୍କର ଓ ମୃତ ମହମ୍ମଦ ଆଲାମ୍ ଭୁବନେଶ୍ୱର ରେଳ ଷ୍ଟେଶନରେ ଭିକ୍ଷାବୃତ୍ତି କରନ୍ତି। ସେମାନେ ପରସ୍ପରକୁ ଭଲଭାବେ ଜାଣିବା ସହ ପ୍ଲାଟଫର୍ମରେ ପାଖାପାଖି ବସି ବହୁଦିନ ଧରି ଭିକ ମାଗୁଥିଲେ। ଶଙ୍କର ନୟାପଲ୍ଲୀ ଅଞ୍ଚଳରେ ପରିବାର ସହ ରହିବା ସହ ସବୁଦିନ ରେଳଷ୍ଟେଶନକୁ ଆସନ୍ତି। ଏପ୍ରିଲ ୨୩ ଅପରାହ୍ନ ପ୍ରାୟ ୩ଟା ୩୦ରେ ମହମ୍ମଦ ଭିକ୍ଷାବୃତ୍ତି କରୁଥିବା ସମ୍ପର୍କୀୟା ଝିଆରୀ ଗୁଡୁଲି ଜେନାଙ୍କ ସହ ପୁରୁଣା ଟିକେଟ୍ କାଉଣ୍ଟର ନିକଟରେ ବସିଥିଲେ। ସେହିସମୟରେ ଗଞ୍ଜେଇ ଆଣି ନ ଥିବାରୁ ସଞ୍ଜୟଙ୍କୁ ଶଙ୍କର ଗାଳିଗୁଲଜ କରିବା ସହ ମାଡ଼ ମଧ୍ୟ ମାରିଥିଲେ। ଏହି ସମୟରେ ପାଖରେ ବସିଥିବା ମହମ୍ମଦ ଏହାକୁ ପ୍ରତିରୋଧ କରିଥିଲେ। ଫଳରେ ମହମ୍ମଦଙ୍କୁ ଶଙ୍କର ମାଡ଼ ମାରିଥିଲେ। କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଇଟାନଗରରୁ ନନ୍ଦନକାନନ ଆସିଲେ ୪ ନୂଆ ଜନ୍ତୁ

**ବାରଙ୍ଗ,୨୫।୭(ଲିଙ୍ଗରାଜ ରାଉତ)**





ନନ୍ଦନକାନନ ପାଇଁ ଖୁସି ଖବର। ମଙ୍ଗଳବାର ରାତିରେ ପର୍ଯ୍ୟଟକଙ୍କ ପାଇଁ ବହୁ ପ୍ରତୀକ୍ଷିତ ସାଜିଥିବା ହୁଲକ ଗିବନ ସହ ଚିତାବିରାଡି ନନ୍ଦନକାନନରେ ଆସି ପହଞ୍ଚିଛି। ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ଅରୁଣାଚଳ ପ୍ରଦେଶର ଇଟାନଗର ଚିଡ଼ିଆଖାନାରୁ ଏହି ନୂଆ ଅତିଥିଙ୍କୁ ନନ୍ଦନକାନନକୁ ଅଣାଯାଇଛି। ଏମାନଙ୍କୁ ଆଣିବା ପାଇଁ ନନ୍ଦନକାନନର ଏକ ଟିମ ଗତ ୧୪ତାରିଖରେ ଇଟାନଗର ଚିଡ଼ିଆଖାନାକୁ ଯାତ୍ରା ଆରମ୍ଭ କରିଥିଲା। ୧୦ଦିନ ପରେ ଏହି ଟିମ ନୂଆ ଜନ୍ତୁଙ୍କୁ ସାଙ୍ଗରେ ନେଇ ଆସିଛନ୍ତି। ଏହି ନୂଆ ଜନ୍ତୁଙ୍କ ମଧ୍ୟରେ ହଳେ ହୁଲକ ଗିବନ ଓ ହଳେ ଚିତାବିରାଡି ଅଛନ୍ତି। ଏମାନଙ୍କୁ ୧୦ନମ୍ବର ଫାଟକ ନିକଟରେ ଥିବା ନୂତନ କ୍ୱାରେଣ୍ଟାଇନରେ ଡାକ୍ତରମାନଙ୍କ ନଜରବନ୍ଦିରେ ରଖାଯାଇ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଅନୁଧ୍ୟାନ କରାଯାଉଛି। ଏହି ନୂଆ ଅତିଥିମାନଙ୍କ ପାଇଁ ନନ୍ଦନକାନନକୁ ଗୋଟିଏ ୩ବର୍ଷର ସାଧାରଣ ବାଘୁଣୀ ସୋହିନୀ ଓ ଗୋଟିଏ ୩ବର୍ଷର ଅଣ୍ଡିରା ସାଧାରଣବାଘ ରକି ଓ ତିନି ଘଡିଆଳ କୁମ୍ଭୀରକୁ ଦେବାକୁ ପଡିଛି। ତେବେ ନନ୍ଦନକାନନକୁ ଆସିଥିବା ଦୁଇପ୍ରଜାତିର ନୂଆ ଅତିଥିଙ୍କ ମଧ୍ୟରେ ହୁଲକଗିବନ ନନ୍ଦନକାନନ ପାଇଁ ନୂଆ ହୋଇଥିବାବେଳେ ନନ୍ଦନକାନନରେ ଗୋଟିଏମାତ୍ର ଚିତାବିରାଡି ରହିଛି। ଏବେ ହଳେ ଚିତାବିରାଡି ଆସିବା ଯୋଗୁ ଚିତାବିରାଡି ବଂଶବୃଦ୍ଧି ହେବାର ଆଶା ରଖାଯାଇଛି । ଚଳିତବର୍ଷ ନନ୍ଦନକାନନ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାକୁ ତ୍ୱରାନିତ୍ୱ କରିବାର ଯୋଜନା ରଖାଯାଇଥିଲା। ମାର୍ଚ୍ଚ ୩ରେ ଆରମ୍ଭ ହୋଇଥିବା ଚଳିତବର୍ଷର ପ୍ରଥମ ପଶୁପକ୍ଷୀ ଅଦଳବଦଳରେ ଦୁଇଟି ସାଧାରଣବାଘ କୁନ୍ଦନ ଓ ଆଦ୍ୟାଶାକୁ ମିଜୋରାମର ଆଇଜଲ ଚିଡ଼ିଆଖାନାକୁ ପଠାଯାଇଥିଲା। ତାହାବଦଳରେ ସେଠାରୁ ହଳେ ହୁଲକଗିବନ ଓ ହଳେ ଘୁଷୁରିଲାଞ୍ଜି ମାକେକ ଓ ଗୋଟିଏ ମାଇ ହିମାଳୟ କଳାଭାଲୁ ନନ୍ଦନକାନନକୁ ଆସିବାର ନିଷ୍ପତ୍ତି ହୋଇଥିଲା। ଦ୍ୱିତୀୟପର୍ଯ୍ୟାୟ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ଅରୁଣାଚଳ ପ୍ରଦେଶର ଇଟାନଗର ଚିଡ଼ିଆଖାନା ସହ ରହିଥିଲା । କିନ୍ତୁ ପ୍ରଥମ ପର୍ଯ୍ୟାୟକୁ ଛାଡି ଦ୍ୱିତୀୟ ପର୍ଯ୍ୟାୟ ପଶୁପକ୍ଷ ଅଦଳବଦଳ ପ୍ରକ୍ରିୟା ଆଜି ଶେଷ ହୋଇଛି।

### ଡେଙ୍ଗୁ ଦମନର ସାରଥି ସାଜିବେ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୨୫।୭ (ବନ୍ଦନା ସେଠୀ)**

ଡେଙ୍ଗୁ ଦମନ ସଚେତନତା ନେଇ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ଛାତ୍ରୀଛାତ୍ରଙ୍କୁ ସାରଥୀ ଭାବେ ସାମିଲ କରିବାକୁ ପଦକ୍ଷେପ ଆରମ୍ଭ ହୋଇଛି। ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ/ଶିକ୍ଷକ, ବିଏମ୍‌ସିର କମ୍ୟୁନିଟି ଅର୍ଗାନାଇଜରଙ୍କୁ ନେଇ ବିଦ୍ୟାଳୟରେ ଡେଙ୍ଗୁ ଦମନ ଶିକ୍ଷା ଅଭିଯାନ ବାବଦରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ର ସାଧାରଣତଃ ତାଙ୍କ ବିଦ୍ୟାଳୟର ଆଲୋଚନାକୁ ଶୀଘ୍ର ମାନିନେଇଥାନ୍ତି। ତେଣୁ ଶିକ୍ଷକମାନେ ବିଦ୍ୟାଳୟରେ ଡେଙ୍ଗୁ ଅଡିଟ୍ କରିବା ପାଇଁ କମିଶନର ବୁଝାଇଥିଲେ। ସ୍କୁଲରେ ଥିବା କିମ୍ବା ପାଖରେ ଥିବା ପାଣି ଜମା ସ୍ଥାନ, ନିକଟରେ କୌଣସି ଭଙ୍ଗା ପାତ୍ରରେ ପାଣି ଜମିଥିଲେ ଏହା କିପରି ମଶା ବଂଶ ବୃଦ୍ଧି କରେ ଏବଂ ଏହାର ନିରାକରଣ କ'ଣ ତାହାକୁ ଶିକ୍ଷକମାନେ ବୁଝାଇବେ। ଏଥିସହ ଡ୍ରାଏ ଡେ' ପାଳନକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ପିଲାମାନେ ନିଜ ପରିବେଶର ପରିଚ୍ଛନ୍ନତାକୁ ଧ୍ୟାନ ଦେବା, ନିଜ ଘରର ୫ମିଟର ଚତୁଃପାର୍ଶ୍ୱକୁ ପରିଚ୍ଛନ୍ନ ରଖିବାକୁ ବିଏମ୍‌ସିର ବାର୍ତ୍ତା କିପରି ସହାୟକ ତାହା ମଧ୍ୟ ପିଲାମାନେ ଜାଣିବା ଆବଶ୍ୟକ। ପ୍ରତ୍ୟେକ ବିଦ୍ୟାର୍ଥୀ ନିଜ ଘରେ ଓ ଚାରିପାଖରେ ମଶା ଡିମ୍ବ ଦେବା ସ୍ଥାନ ଚିହ୍ନଟ କରିବା ଅଭ୍ୟାସ କଲେ ଏହାଏକ ଆଚରଣଗତ ପରିବର୍ତ୍ତନ ଆଣିବ। ଗୋଷ୍ଠୀ ସହଭାଗୀତାରେ ରୋଗ ଦମନ ହେବ ବୋଲି କମିଶନର କହିଥିଲେ। ବୈଠକରେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ମନୋରଞ୍ଜନ ସାହୁ, ଏଡିୟୁପିଏଚ୍‌ଓ ଡା. ଅନ୍ତର୍ଯ୍ୟାମୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅପରପକ୍ଷେ ଘରଘର ଅଭିଯାନ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ନେତୃତ୍ୱରେ ଟିମ୍ ଘର ଘର ବୁଲି ଲୋକଙ୍କୁ ସଚେତନ କରାଇଥିଲେ। ମୁଖ୍ୟତଃ ବିଏମ୍‌ସି ଅଞ୍ଚଳରେ ରହିଥିବା ଡେଙ୍ଗୁ ହଟସ୍ପଟ ଅଞ୍ଚଳରେ ଏହି ଅଭିଯାନକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ସଂକ୍ଷେପରେ

### ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ



ଖୋର୍ଦ୍ଧା,୨୫।୭(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧାରେ ଥମିବାର ନାଁ ଧରୁନି ବ୍ରାଉନ୍‌ସୁଗାର କାରବାର। ଯେତିକି ଧରାହେଉଛି, ସେତିକି ବଢ଼ିଚାଲିଛି। ମଙ୍ଗଳବାର ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଟିମ୍ ଗୁରୁଜଙ୍ଗ ନବୋଦୟ ସ୍କୁଲ ନିକଟରୁ ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୁରୁଜଙ୍ଗ ଦ୍ୱାରିକାନଗର ସାହିର ବଳଭଦ୍ର ବେହେରା (୩୧)। ତାଙ୍କ ନିକଟରୁ ୪୧ଗ୍ରାମ ବ୍ରାଉନ୍‌ସୁଗାର ଓ ଗୋଟିଏ ସ୍କୁଟି (ଓଡି ୦୨ଏଏଫ-୬୪୭୪) ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗାର ମୂଲ୍ୟ ୪ଲକ୍ଷ ୧୦ ହଜାର ଟଙ୍କା ହେବ ବୋଲି ମୋବାଇଲ ସ୍କ୍ୱାଡ୍ ପକ୍ଷରୁ କୁହାଯାଇଛି। ଏନେଇ ଅବକାରୀ ଥାନାରେ ଏକ ମାମଲା (ନଂ.୬୬/୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ଗୁରୁଜଙ୍ଗ ନବୋଦୟ ବିଦ୍ୟାଳୟ ନିକଟ ଅଞ୍ଚଳରେ ବଳଭଦ୍ର ବ୍ରାଉନସୁଗାର ବେପାର କରୁଥିବା ଖବର ପାଇ ମୋବାଇଲ ସ୍କ୍ୱାଡ୍ ସବଇନ୍‌ସ୍ପେକ୍ଟର ରୋହିତ କୁମାର ଦଣ୍ଡସେନାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଅବକାରୀ ଟିମକୁ ଦେଖି ବଳଭଦ୍ର ଖସିଯିବାକୁ ଉଦ୍ୟମ କରିବା ବେଳେ ଟିମ୍ ତାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ବ୍ରାଉନ୍‌ସୁଗାର ଜବତ କରିବା ସହ ତାର ସ୍କୁଟିକୁ ମଧ ଜବତ କରିଛନ୍ତି।

### ବିଜେଡି କର୍ମୀଙ୍କୁ ସଂଘବଦ୍ଧ ଆକ୍ରମଣ

ବେଗୁନିଆ,୨୫।୭(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ବ୍ଲକ ହଜ ପଞ୍ଚାୟତ ତଥା ଗ୍ରାମର ବିଜେଡି କର୍ମୀ ବିନୋଦ ରଥଙ୍କୁ ମଙ୍ଗଳବାର କେତେଜଣ ବ୍ୟକ୍ତି ସଂଘବଦ୍ଧଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ଜଙ୍କିଆ ଥାନା ସିକୋ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ହେବା ବେଳକୁ ଏନେଇ ଥାନାରେ ମାମଲା ରୁଜୁ ହୋଇନାହିଁ। ଅନ୍ୟପକ୍ଷରେ ପୂର୍ବ ଶତ୍ରୁତାକୁ ନେଇ ଏଭଳି ଘଟଣା ଘଟିଛି ବୋଲି ସିକୋ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

### ମାଙ୍କଡା ପଥର ବୋଝେଇ ଗାଡ଼ି ଜବତ

ବେଗୁନିଆ,୨୫।୭(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ଥାନା ଅଞ୍ଚଳରେ ମାଙ୍କଡ଼ା ପଥର ଓ ମୋରମ ଚୋରାଚାଲାଣ ବଢ଼ିଚାଲିଛି। ସ୍ଥାନୀୟ ପୋଲିସ ତହସିଲ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ମଙ୍ଗଳବାର ବେଗୁନିଆ ପୋଲିସ ଟିକାତାଲ ଛକ ନିକଟରୁ ଏକ ମାଙ୍କଡ଼ା ପଥର ବୋଝେଇ ମିନିଟ୍ରକ୍ (ଓଡି୦୨ଡିଏଫ୍ ୩୮୨୯)କୁ ଜବତ କରିବା ସହ ଏହାର ଚାଳକଙ୍କୁ ଗିରଫ କରିଛି। ସେ ହେଲେ ବୋଲଗଡ ଥାନା ଗୋଡିଆଲି ଗ୍ରାମର ବିଜୟ କୁମାର ଦଳେଇ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୫୦/୨୩) ରୁଜୁକରି ତଦନ୍ତ ଚଳାଇଛି।

### ସାଇକେଲ ଚୋରି, ୨ ଗିରଫ

ଜଟଣୀ,୨୫।୭(ରବୀନ୍ଦ୍ର ନାଥ ମହାକୁଡ଼): ସାଇକେଲ ଚୋରି କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ ବେଣାପଞ୍ଜରୀ ନୂଆସହି ଅଞ୍ଚଳର ଅଜୟ କୁମାର ଦାସ ଓରଫ ଜଟିଆ(୨୫) ଏବଂ ଗଡସାହିର ତ୍ରିଲୋଚନ ବାରିକ ଓରଫ ପ୍ରତାପ(୩୬)। ଏମାନଙ୍କଠାରୁ ଚୋରି ହୋଇଥିବା ସାଇକେଲ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୭୪/୨୩) ରୁଜୁ ହୋଇଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି। ସୂଚନା ମୁତାବକ, ଜଟଣୀ ଥାନା ରାଜାବଜାର ଅଞ୍ଚଳର ଏକ ମଦ୍ରାସାର ଶିକ୍ଷକ ସାଇକେଲ ମଦ୍ରାସା ସମ୍ମୁଖରେ ଗତ ୧୯ ତାରିଖରେ ରଖି ଭିତରକୁ ଯାଇଥିଲେ। କିଛି ସମୟ ପରେ ବାହାରକୁ ଆସିଥିବା ବେଳେ ସାଇକେଲ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଅଭିଯୁକ୍ତ ଅଜୟ ଉକ୍ତ ସାଇକେଲକୁ ଚୋରି କରି ଅନ୍ୟ ଜଣେ ଅଭିଯୁକ୍ତ ତ୍ରିଲୋଚନଙ୍କୁ କମ ମୂଲ୍ୟରେ ବିକ୍ରି କରିଦେଇଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସାଇକେଲ ଜବତ କରିଥିଲା।

# ସ୍ୱାଭାବିକ ସ୍ଥିତି ନ ହେବା ଯାଏ ପୋଲିସ ମୁତୟନ

ଖୋର୍ଦ୍ଧା,୨୫।୭(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଟାଉନ ଥାନା ଅଧୀନ ମୁକୁନ୍ଦପ୍ରସାଦର ଏକ ବସ୍ତିରେ ଗୋରୁକଟାକୁ କେନ୍ଦ୍ରକରି ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ହିନ୍ଦୁ ସଙ୍ଗଠନ ଏବଂ ସମ୍ପୃକ୍ତ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ମଙ୍ଗଳବାର ଅପରାହ୍ନରେ ଉକ୍ତ ଅଞ୍ଚଳରେ ଶାନ୍ତିବଜାୟ ରଖିବା ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ଅଧକ୍ଷତାରେ ଶାନ୍ତି କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଏଏସ୍‌ପି) କିଶୋର ଚନ୍ଦ୍ର ମୁଣ୍ଡ, ସଦର ଏସ୍‌ଡିପିଓ ଦିଲୀପ ଦାସ, ଥାନାଧିକାରୀ ତାରିକ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ମୁକୁନ୍ଦପ୍ରସାଦରେ କିଭଳି ଶାନ୍ତି ଫେରିବ, ସେ ସମ୍ପର୍କରେ ଉପଜିଲାପାଳ ସେଠୀ ଗୁରୁତ୍ୱାରୋପ କରିଥିଲେ। ଆଗକୁ ଯେଭଳି ଏଭଳି ଅପ୍ରୀତିକର ପରିସ୍ଥିତି ନ ଘଟିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଯାହା ବି ଘଟଣା ଘଟିବ, ପ୍ରଥମେ ଶାନ୍ତି କମିଟିକୁ ଜଣାଇବେ। ସେଠାରେ ସମାଧାନ ନ ହେଲେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ଉପଜିଲାପାଳ କହିଥିଲେ। ତେବେ ଏ ସମ୍ପର୍କରେ ଉପଜିଲାପାଳ ସେଠୀ କହିଥିଲେ, ଶାନ୍ତି କମିଟି ସହ ଆଲୋଚନା କରାଯାଇଛି। ପରିସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ପୋଲିସ ଫୋର୍ସ ମୁତୟନ ରହିବ। କୌଣସି ବ୍ୟକ୍ତି କିମ୍ବା କାହାରି ଧର୍ମକୁ ଆକ୍ଷେପ କରିବା ଭଳି ମନ୍ତବ୍ୟ ଦେବେ ନାହିଁ। ପରସ୍ପର ମଧ୍ୟରେ ଭାଇଚାରା, ଭ୍ରାତୃତ୍ୱ ଭାବ ବଜାୟ ରଖିବାକୁ କୁହାଯାଇଛି ବୋଲି କହିଥିଲେ।

ପ୍ରକାଶ ଯେ, ସୋମବାର ମୁକୁନ୍ଦପ୍ରସାଦ ଏକ ବସ୍ତିରେ ଗୋରୁକଟାକୁ କେନ୍ଦ୍ରକରି ସ୍ଥାନୀୟ ହିନ୍ଦୁ ସଙ୍ଗଠନ ବିରୋଧ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ଦାବିରେ ରାଜପଥ ଅବରୋଧ କରିଥିଲେ। ଏପରିକି ଗୋରୁକଟା ଯାଇଥିବା ସ୍ଥାନରେ

**ଗୋରୁକଟାକୁ କେନ୍ଦ୍ରକରି ଉତ୍ତେଜନା ଘଟଣା**

- ପ୍ରଶାସନ ସହ ଶାନ୍ତି କମିଟିର ଆଲୋଚନା
- ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ

ସମ୍ପୃକ୍ତ ଗୋଷ୍ଠୀ ଏବଂ ହିନ୍ଦୁ ସଙ୍ଗଠନ କର୍ମକର୍ତ୍ତା ଧସ୍ତାଧସ୍ତି ହୋଇଥିଲେ। ପଥର, ଢେଲା ମାଡରେ ଏକାଧିକ ଆହତ ହୋଇଥିଲେ। ଖବରପାଇ ଜିଲାପାଳ, ଏସ୍‌ପି, ଉପଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ପରିସ୍ଥିତି ଶାନ୍ତ ପଡିଥିଲେ ମଧ ଉତ୍ତେଜନା ଲାଗି ରହିଛି। ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ଏନେଇ ଉଭୟ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପ୍ରକାଶ ଯେ, ଏଠାରେ ପୂର୍ବରୁ ଲଭ ଜିହାଦ ଘଟଣା ସାମନାକୁ ଆସିବା ପରେ ହିନ୍ଦୁ ସଙ୍ଗଠନ ଏହାର ବିରୋଧ କରିଥିଲେ। ମୁକୁନ୍ଦପ୍ରସାଦର ଏକ ବସ୍ତିରେ ରୀତିମତ ଗୋରୁକଟା ଯାଉଛି ବୋଲି ହିନ୍ଦୁ ସଙ୍ଗଠନର କର୍ମକର୍ତ୍ତା କହିଛନ୍ତି। ଅନ୍ୟପକ୍ଷରେ ଘଟଣା ଉପରେ ନଜର ରଖାଯାଇଛି ବୋଲି ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି।

# ଗଞ୍ଜେଇ ବୋଝେଇ କାର୍ ଜବତ

ଖୋର୍ଦ୍ଧା,୨୫।୭(ପ୍ରଭାତ ପାଣିଗ୍ରାହୀ)

**ଚାଳକ ସମେତ ୨ ଗିରଫ**

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର ପରେ ଗଞ୍ଜେଇ କାରବାର ବଢ଼ିବାରେ ଲାଗିଛି। ମଙ୍ଗଳବାର ଅବକାରୀ ମୋବାଇଲ ସ୍କ୍ୱାଡ୍ ୫୭ ନମ୍ବର ଜାତୀୟ ରାଜପଥ ମେଡିକାଲ ଗେଟ ସମ୍ମୁଖରେ ଚଢ଼ାଉ କରି ଏକ କାରରୁ ୬୦କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଚାଳକଙ୍କ ସମେତ ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ବାଲିଗୁଡା ଥାନା ଅନ୍ତର୍ଗତ ତଗାକିଆର ଚାଳକ ଲୋକନାଥ ମଲ୍ଲିକ (୩୦) ଏବଂ ବେପାରୀ ନୂଆଗାଁ ଥାନା କନ୍ଦର୍ମୁଦା ଅଞ୍ଚଳର ଆକାଶ ମଲ୍ଲିକ (୨୧)। ଜବତ ଗଞ୍ଜେଇର ମୂଲ୍ୟ ୬ଲକ୍ଷ ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏକ ମାମଲା (ନଂ.୩୬/୨୩) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, କନ୍ଧମାଳରୁ ଭୁବନେଶ୍ୱରକୁ ଏକ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ଅବକାରୀ ମୋବାଇଲ ସ୍କ୍ୱାଡ୍‌କୁ ମିଳିଥିଲା। ଏହା ପରେ ବିଭାଗ ପକ୍ଷରୁ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ ସକାଳ ୬ଟାରେ ୫୭ନଂ. ଜାତୀୟ ରାଜପଥର ମେଡିକାଲ ମୁଖ୍ୟ ଗେଟ ସମ୍ମୁଖରେ ଛକି ରହିଥିଲେ। ଓଡି ୦୨-ଟି-୬୮୧୦ ନମ୍ବର ବିଶିଷ୍ଟ ଏକ କାରରେ ଗଞ୍ଜେଇ ଭର୍ତ୍ତି ଆସୁଥିବା ବେଳେ ତାକୁ ଅଟକାଇ ଯାଞ୍ଚ କରିଥିଲେ। ଉକ୍ତ ସମୟରେ ଗାଡିରୁ ଗଞ୍ଜେଇ ଜବତ ହୋଇଥିଲା।




ଗିରଫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ଗଞ୍ଜେଇ, କାର୍।




ସିପିଆଇ(ଏମ୍) କୃଷ୍ଣପ୍ରସାଦ ଆଞ୍ଚଳିକ କମିଟି ପକ୍ଷରୁ ୪ ଦଫା ଦାବି ପୂରଣ ପାଇଁ ମଙ୍ଗଳବାର ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

# ୪ ଦଫା ଦାବିରେ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

କୃଷ୍ଣପ୍ରସାଦ,୨୫।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ସିପିଆଇ(ଏମ୍) କୃଷ୍ଣପ୍ରସାଦ ଆଞ୍ଚଳିକ କମିଟି ପକ୍ଷରୁ ୪ ଦଫା ଦାବି ପୂରଣ ପାଇଁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଘୋଷିତ ବିଦ୍ୟୁତ୍ କାଟ, ଅହେତୁକ ବିଦ୍ୟୁତ୍ ଦରଦାମ ବୃଦ୍ଧି, ବାର୍ଦ୍ଧକ୍ୟ, ବିକଳାଙ୍ଗ, ବିଧବା ଓ କଳାକାରମାନଙ୍କ ଭତ୍ତା ବୃଦ୍ଧି, କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳକୁ ମୋ ବସ୍ ସେବା ଆଦି ଦାବି ରହିଛି। ଆଞ୍ଚଳିକ କମିଟି ସମ୍ପାଦକ ଉମାକାନ୍ତ ଜେନା, ଆବାହକ ଜଗବନ୍ଧୁ ସେନାପତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ଅଜୟ କୁମାର ବରାଳ, ସୁଧିର ପତି, କୈଳାସ ଚନ୍ଦ୍ର ନାୟକ, ଅଞ୍ଚଳ ଜେନା, ଶଙ୍କର୍ଷଣ ମିସ୍ତ୍ରୀ, କିଶୋର ନାୟକ, ଶରତ ପ୍ରଧାନ, ସନାତନ ତରେଇ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନମାରଣ ନୀତିକୁ ସମାଲୋଚନା କରିଥିଲେ। ଏହି ଅବସରରେ ଏକ ଦାବିପତ୍ର ବ୍ଲକ ମୁଖ୍ୟ କିରାଣୀ କୁବେର ଜେନାଙ୍କୁ ପ୍ରଦାନ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିଲିକା ନୂଆପଡ଼ା ଫାଣ୍ଡି ଅଧିକାରୀ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

### ମଜୁରି ଟଙ୍କା ମାଗିବାକୁ କେନ୍ଦ୍ରକରି ମାରପିଟ୍

**ନିରାକାରପୁର,୨୫।୭(ମାନସ ଚନ୍ଦ୍ର ପଟ୍ଟନାୟକ):** ଜଙ୍କିଆ ଥାନା ଅଧୀନ ଅରାଙ୍ଗପାଟଣା ଦେଉଳି ଗ୍ରାମରେ ମଜୁରି ଟଙ୍କା ମାଗିବାକୁ କେନ୍ଦ୍ରକରି ମାରପିଟ୍ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଉକ୍ତ ଗ୍ରାମର ଅଜୟ ବିଶ୍ୱାଳ ଗ୍ରାମର ବିଜୟ ମହାପାତ୍ରଙ୍କ ଜମିକୁ କାମ କରିବାକୁ ଯାଇଥିଲେ। ତେବେ ଅଜୟ ମଜୁରି ବାବଦ ବିଜୟଙ୍କୁ ଟଙ୍କା ମାଗିବାରୁ ପ୍ରଥମେ ବଚସା ପରେ ମାରପିଟ ହୋଇଥିଲା। ପରେ ଅଜୟଙ୍କ ଘରେ ବିଜୟଙ୍କ ପରିବାରଲୋକେ ପଶି ମାଡ ମାରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବିଜୟ ପାଲଟା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ପୋଲିସ ପୃଥକଭାବେ ଦୁଇଟି ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ଛାତ୍ରୀଙ୍କଠାରୁ ବ୍ୟାଗ୍ ଝାମ୍ପିନେବା ଘଟଣା, ଆଉ ଜଣେ ଗିରଫ

**ଜଟଣୀ,୨୫।୭(ରବୀନ୍ଦ୍ର ନାଥ ମହାକୁଡ଼):** କଲେଜ ଛାତ୍ରୀଙ୍କଠାରୁ ବ୍ୟାଗ୍ ଝାମ୍ପିନେବା ଘଟଣାରେ ଜଟଣୀ ଥାନା ପୋଲିସ ଆଉ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ଖୁଦୁପୁର ଅଞ୍ଚଳର ଓଧ ଓରଫ ଆକାଶ ରାଉତରାୟ(୨୧)। ତେବେ ଓଧଙ୍କ ନାମରେ ବିଭିନ୍ନ ଥାନାରେ ୩ଟି ମାମଲା ରହିଥିବା ପୋଲିସ କହିଛି। ପ୍ରକାଶ ଯେ, ୨୦୨୧ ସେପ୍ଟେମ୍ବର ୧୭ରେ ଜଣେ ଛାତ୍ରୀ ଆଡ୍‌ମିଶନ ପାଇଁ ଆବଶ୍ୟକ କାଗଜପତ୍ର ସହିତ ମୋବାଇଲ ଫୋନ ଏବଂ ୧୦ହଜାର ଟଙ୍କା ଏକ ବ୍ୟାଗରେ ନେଇ ଜଟଣୀ ମହାବିଦ୍ୟାଳୟକୁ ଯାଉଥିଲେ। ଏହି ସମୟରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଅଭିଯୁକ୍ତ ଏବଂ ତାଙ୍କର ତିନ ଜଣ ସହଯୋଗୀ ଏକ ନମ୍ବର ବିହୀନ ବାଇକରେ ଆସି ତାଙ୍କ ବ୍ୟାଗକୁ ଛଡ଼ାଇ ନେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୪୭୫/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ପୂର୍ବରୁ ପୋଲିସ ତିନି ଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ କରିଥିଲା।

# ୧୩ ମୋବାଇଲ ଜବତ, ୪ ଗିରଫ

ଜଟଣୀ,୨୫।୭(ରବୀନ୍ଦ୍ର ନାଥ ମହାକୁଡ଼)



ଗିରଫ ଅଭିଯୁକ୍ତ ଏବଂ ଜବତ ମୋବାଇଲ।

ମୋବାଇଲ ଫୋନ ଚୋରି କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ହାଟବଜାର ଅଞ୍ଚଳର ବବୁ ଓରଫ ମହେନ୍ଦ୍ର ନାୟକ(୨୫), ବାଛରାପାଟଣା ଖଳି ପୋଖରୀ ଅଞ୍ଚଳର ପିଣ୍ଟୁ ନାୟକ ଓରଫ ଜଗାକାଳିଆ ନାୟକ(୨୮), ଗୋପବନ୍ଧୁ ନଗର ବାବା ଆଖଣ୍ଡଳମଣି ମନ୍ଦିର ଅଞ୍ଚଳର ଟିନା ଓରଫ ତ୍ରିନାଥ ସାହୁ(୩୫) ଏବଂ ଖୁଦୁପୁର ଅଞ୍ଚଳର ଝରିଆ ଓରଫ କୃଷ୍ଣ ଚନ୍ଦ୍ର ପାହାଡ଼ସିଂହ(୪୧)। ଏମାନଙ୍କ ଠାରୁ ୧୩ଟି ଦାମୀ ମୋବାଇଲ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୦୨/୨୩) ରୁଜୁ ହୋଇଛି। ପ୍ରକାଶ ଯେ, ଗତ ମେ ୨୫ରେ ଅଭିଷେକ ସାହୁ ଓ ତାଙ୍କର କେତେଜଣ ସାଙ୍ଗ ଜଟଣୀ ନିକଟ ଏକ ଘରୋଇ ବିଶ୍ୱବିଦ୍ୟାଳୟକୁ ପରୀକ୍ଷା ଦେବା ପାଇଁ ଯାଇଥିଲେ। ସେମାନଙ୍କର ୫ଟି ମୋବାଇଲକୁ ବ୍ୟାଗରେ ପୂରାଇ ପରୀକ୍ଷାକେନ୍ଦ୍ର ବାହାରେ ରଖିଥିଲେ। ତେବେ ଅଭିଯୁକ୍ତ ଝରିଆ, ବବୁ ଓ ପିଣ୍ଟୁ ପରୀକ୍ଷାକେନ୍ଦ୍ର ବାହାରେ ଥିବା ବ୍ୟାଗରୁ ମୋବାଇଲ ଚୋରିକରି ନେଇଯାଇଥିଲେ। ଏନେଇ ଅଭିଷେକଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସ୍ଥାନୀୟ ରେଲୱେ ଗୋଲେଇ ମାର୍କେଟ ଅଞ୍ଚଳରେ ପୋଲିସ ଚଢ଼ାଉ କରି ଏହି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ମୋବାଇଲ ଚୋରି କରିଥିବା ଏବଂ ୪ଟି ମୋବାଇଲ ଟିନାଙ୍କୁ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ଏହା ପରେ ପୋଲିସ ଟିନାଙ୍କୁ ଗିରଫ କରିବା ସହିତ ମୋଟ୍ ୧୩ଟି ମୋବାଇଲ ଜବତ କରିଥିଲା। ତେବେ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି।

# ଭାଜପା ପକ୍ଷରୁ ସୁରଭି କାର୍ଯ୍ୟକ୍ରମ

ବୋଲଗଡ଼,୨୫।୭(ଦେବବ୍ରତ ହୋତା)

ବୋଲଗଡ଼ ୨୫ ନମ୍ବର ଜୋନ ଭାଜପା ପକ୍ଷରୁ ମହିଳାମାନଙ୍କୁ ନେଇ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ସ୍ଥାନୀୟ ପନ୍ଦରଦୋଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ଓବିସି ମୋର୍ଚ୍ଚା ସମ୍ପାଦକ ଆରତବନ୍ଧୁ ପ୍ରଧାନଙ୍କ ଆବାହକତ୍ୱରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ସଙ୍ଗୀତା ମାଝୀ, ବୋଲଗଡ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶୁଭସ୍ମିତା ମାନ୍ଧାତା, ଖୋର୍ଦ୍ଧା ଜିଲା ଭାଜପା ସାଧାରଣ ସମ୍ପାଦିକା ସୁମିତ୍ରା ପ୍ରଧାନ, ବରିଷ୍ଠ ଭାଜପା ସଦସ୍ୟା ଆରତୀ ମିଶ୍ର, ବୋଲଗଡ-ବେଗୁନିଆ ନିର୍ବାଚନମଣ୍ଡଳୀର ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁନୀତା ପ୍ରଧାନ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୋଲଗଡ ଅଞ୍ଚଳର ଶତାଧିକ ଭାଜପା ମହିଳା ସଦସ୍ୟା ଉପସ୍ଥିତ ଥିଲେ। ସଦସ୍ୟା ମିନତୀ ସେଠୀ ଧନ୍ୟବାଦ ଦେଇଥିଲେ।

# ମତ୍ସ୍ୟ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ,୨୫।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚିଲିକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀଙ୍କୁ ସ୍ୱାବଲମ୍ବୀ କରିବା ଓ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନା ଗୁଡିକ କିପରି ମତ୍ସ୍ୟଜୀବୀଙ୍କ ପାଖରେ ପହଞ୍ଚି ପାରିବ ଏବଂ ସେମାନେ କିପରି ଏହାର ଲାଭ ଉଠାଇ ପାରିବେ ସେ ସମ୍ପର୍କରେ ମତ୍ସ୍ୟ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର କୃଷ୍ଣପ୍ରସାଦ ବ୍ଲକର ଖୋଲାମୁହଁ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ମତ୍ସ୍ୟ ଅଧିକାରୀ ବିଜୟାନନ୍ଦ ସେଠଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ସମ୍ମାନିତ ଅତିଥି ଖୋଲାମୁହଁ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସଭାପତି ରାମଚନ୍ଦ୍ର ମଲିକ, ଅତିରିକ୍ତ ମତ୍ସ୍ୟ ଅଧିକାରୀ(ବାଲୁଗାଁ) ଅଶୋକ ଇନ୍ଦୁଆର, ବରିଷ୍ଠ ମତ୍ସ୍ୟ ପରାମର୍ଶଦାତା ରଜନୀକାନ୍ତ ମଲିକ, ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗଦେଇ ମତ୍ସ୍ୟଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସରକାରଙ୍କ ବିଭିନ୍ନ ଯୋଜନା ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚିଲିକା ଉପକୂଳବର୍ତ୍ତୀ ଖୋଲାମୁହଁ, ବାଲିନାସି, ଶ୍ରୀରାମପୁରର ସମସ୍ତ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ।

# ମଣ୍ଡଳ ରେଳ ପ୍ରବନ୍ଧକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଜଟଣୀ,୨୫।୭(ରବୀନ୍ଦ୍ର ନାଥ ମହାକୁଡ଼)



ଖୋର୍ଦ୍ଧାରୋଡ ରେଳ ମଣ୍ଡଳର ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରେଳ ଶ୍ରମିକ ୟୁନିୟନ ମଣ୍ଡଳ ସଂଯୋଜକ ରଞ୍ଜିତ ଦାସଙ୍କ ସଭାପତିତ୍ୱରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମଣ୍ଡଳ ପ୍ରବନ୍ଧକ ରୟ ଓ ତାଙ୍କ ସହଧର୍ମିଣୀ ଶୁଭଲକ୍ଷ୍ମୀ ଜେନାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ରେଳମଣ୍ଡଳ ଶ୍ରମିକ ୟୁନିୟନର ସାଧାରଣ ସମ୍ପାଦକ ପି. କେ.ପାଟଶାହାଣି, ସଙ୍ଗଠନ ସଭାପତି ଆର. ଭି. ଏସ. ରାଓ, ମଣ୍ଡଳ ସଂଯୋଜକ ରଞ୍ଜିତ କୁମାର ଦାସ, ଉପ ମଣ୍ଡଳ ସଂଯୋଜକ ସଚ୍ଚିଦାନନ୍ଦ ରାଉତ, ଏନ୍.ଏମ. ମୁରଲୀକ୍ରିଷ୍ଣା, ମନୋଜ ପାଣ୍ଡେ, ବିଦ୍ୟାଧର ଜେନା, ପି.କେ.ପଣ୍ଡା, ପ୍ରମୋଦ ରାୟ, ପ୍ରଦୀପ ବେହେରା, ନିର୍ମଳ ପରିଡା, ଇତିଶ୍ରୀ ନିବେଦିତା ସାହୁ, ସସ୍ମିତା ସରକାରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସଭାପତି ରାଓ ଧନ୍ୟବାଦ ଦେଇଥିଲେ। ସେହପିରି ନୂତନଭାବେ ଯୋଗଦେଇଥିବା ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପ୍ରବନ୍ଧକ ଏଚ୍. ଏସ୍. ବାଜୱାଙ୍କୁ ଶ୍ରମକ ୟୁନିୟନ ପକ୍ଷରୁ ସ୍ୱାଗତ କରାଯାଇଥିଲା।

# ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ

ଜଟଣୀ,୨୫।୭(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଷଣ୍ଢପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ରାଜ ୱେଲଫେୟାର ସୋସାଇଟି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରିନ୍ସିପାଲ ହରେକୃଷ୍ଣ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହବିବୁର ରହେମାନ, ସତ୍ୟ ସ୍ୱରୂପ ମହାପାତ୍ର, ଏମ.ଡି.ପରଭେଜ ହେଦର, ବାସୁଦେବ ସେଠୀ, ସନ୍ତୋଷୀ ଜାଲି, ଗୌତମ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଓ ଛାତ୍ରୀଛାତ୍ର ବିଭିନ୍ନ କିସମର ଚାରାରୋପଣ କରିବା ସହିତ ବୃକ୍ଷ ଏବଂ ଜଙ୍ଗଲ ସୃଷ୍ଟି ପାଇଁ ସଚେତନତା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ବାର୍ତ୍ତା ଦେଇଥିଲେ। ବିଦ୍ୟାଳୟର ମୁଖ୍ୟ ଦ୍ୱାରରେ କବାଟ ନ ଥିବାରୁ ଅତିଥିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହିତ ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି।

ସେହିପରି ଜଟଣୀ ପୌରପରିଷଦ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୨୧ ରିଖରେ ପ୍ରଥମ ପର୍ଯ୍ୟାୟରେ ମ୍ୟୁନିସିପାଲିଟି ଛକରୁ ହରିଭାଇନା ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଥିବା ମେରିଡିଆନ ମଧ୍ୟରେ ଚାରାରୋପଣ କରାଯାଇଥିଲା। ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟରେ ଚାରାରୋପଣ କାର୍ଯ୍ୟକ୍ରମ ସ୍ଥାନୀୟ ମ୍ୟୁନିସିପାଲିଟି ଛକରୁ ଥାନା ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ମେରିଡିଆନ ମଧ୍ୟରେ ହୋଇଥିଲା। ପରିବେଶ ସନ୍ତୁଳନ ଏବଂ ସହରର ସୌନ୍ଦର୍ଯ୍ୟକରଣ ପାଇଁ ଚାରାରୋପଣ କରାଯାଇଥିଲା। ସ୍ଥାନୀୟ ଏଚଡିଏଫସି ବ୍ୟାଙ୍କ ଏବଂ ବାଲାଜୀ ବାସ୍ତ୍ରାଳୟ ସହଯୋଗ କରିଥିବା ବେଳେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ଏଚଡିଏଫସି ଜଟଣୀ ଶାଖା ବ୍ୟାଙ୍କ ମ୍ୟାନେଜର ଓ କର୍ମଚାରୀ, ପୌର କର୍ମଚାରୀ, କାଉନସିଲର, ପରିବେଶବିତ୍ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କ ସହ ସମ୍ବିତଙ୍କ ଆଲୋଚନା

ପୁରୀ,(ଅଜିତ୍ ମହାନ୍ତି)- ମତ୍ସ୍ୟପାଳନ, ପଶୁପାଳନ ଓ ଗୋପାଳନ ମନ୍ତ୍ରଣାଳୟର କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ସଞ୍ଜୀବ ବଲ୍ୟାନଙ୍କୁ ତାଙ୍କ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ମଙ୍ଗଳବାର ସାକ୍ଷାତ କରିଛନ୍ତି। ପୁରୀ ଲୋକସଭାରେ ମତ୍ସ୍ୟଚାଷ ଓ ମତ୍ସ୍ୟଜୀବୀମାନଙ୍କ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ସମ୍ବିତ ପାତ୍ର ମନ୍ତ୍ରୀଙ୍କୁ ପୁରୀ ତଥା ଚିଲିକାରେ ମତ୍ସ୍ୟପାଳନ ସହିତ ଜଡିତ ବ୍ୟକ୍ତିମାନଙ୍କୁ କିପରି କେନ୍ଦ୍ରୀୟ ଯୋଜନାରେ ଅଧିକରୁ ଅଧିକ ସାମିଲ କରାଯାଇପାରିବ ସେନେଇ ନିବେଦନ କରିଛନ୍ତି। ଏହାସହିତ ସଞ୍ଜୀବ ବଲ୍ୟାନଙ୍କୁ ପୁରୀ ଓ ଖୋର୍ଦ୍ଧା ଜିଲାରେ ମତ୍ସ୍ୟଜୀବୀମାନେ ସାମ୍ନା କରୁଥିବା ଅସୁବିଧା ବିଷୟରେ ମଧ୍ୟ ସମ୍ବିତ ଅବଗତ କରାଇଛନ୍ତି।

# ବାରକୁ ନେଇ ଦ୍ୱନ୍ଦ୍ୱ ତୁଟୁନି

**ପୁରୀ,୨୫।୭(ଅଜିତ ମହାନ୍ତି)**

### ମହାପ୍ରଭୁଙ୍କ ବନକଲାଗି ନେଇ ଅନିଶ୍ଚିତତା
■ ନୀଳାଦ୍ରିବିଜେ ପରଠାରୁ ବନ୍ଦ ରହିଛି

ମହାପ୍ରଭୁଙ୍କ ବନକଲାଗି ନୀତିକୁ ନେଇ ଦେଖାଯାଇଥିବା ଅନିଶ୍ଚିତତା ତୁଟିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଶ୍ରୀମନ୍ଦିର ପ୍ରଶାସନ ଓ ଦଇତାପତି ସେବକଙ୍କ ସମନ୍ୱୟ ଅଭାବରୁ ମହାପ୍ରଭୁଙ୍କ ନୀଳାଦ୍ରି ବିଜେପରଠାରୁ ବନକଲାଗି ନୀତି ହୋଇନାହିଁ। ବୁଧବାର ନା ଗୁରୁବାର ବନକଲାଗି ନୀତି ହେବ ସେନେଇ ଅନିଶ୍ଚିତତା କିଛିଦିନ ହେବ ଦେଖାଯାଇଛି। ଏପରିକି ବନକଲାଗି ନୀତି ବିଶୃଙ୍ଖଳା ପ୍ରସଙ୍ଗ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦଇତାପତି ନିଯୋଗକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ସେହିପରି ଗତ ଛତିଶା ନିଯୋଗ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ ବୁଧବାର ବନକଲାଗି ନୀତି କରିବା ନେଇ ପ୍ରତିକ୍ରିୟା ଦେଇଥିଲେ। ଦଇତା ମହାପାତ୍ର ସେବକ କିନ୍ତୁ ରେକର୍ଡ ଅଫ୍ ରାଇଟସ୍ ଆଧାରରେ ପ୍ରତି ଗୁରୁବାର ବନକଲାଗି ନୀତି କରିବାକୁ କହିଥିଲେ। ମହାପ୍ରଭୁଙ୍କ ନୀତି ଶୃଙ୍ଖଳାକୁ ନେଇ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପରିଚାଳନା କମିଟି ସେବାୟତ ସଦସ୍ୟ, ଦଇତାପତି ସେବାୟତ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପ୍ରଶାସନ ଓ ଦଇତାମହାପାତ୍ର ସେବାୟତଙ୍କ ମଧ୍ୟରେ ବାରକୁ ନେଇ ବିବାଦ ଯୋଗୁ ନୀଳାଦ୍ରି ବିଜେ ପରଠାରୁ ବନକଲାଗି ହୋଇ ନ ଥିଲା। ବୁଧବାରରେ ମହାପ୍ରଭୁଙ୍କ ବନକଲାଗି ନୀତି ହେବ ବୋଲି ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଦଇତାମହାପାତ୍ର ନିଯୋଗ ସହ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସନ ଆଲୋଚନା କରିଥିଲେ। ଅପରପକ୍ଷେ ରେକର୍ଡ ଅଫ୍ ରାଇଟସ୍ ଆଧାରରେ ପ୍ରତି ଗୁରୁବାର ବନକଲାଗି ନୀତି ହେବା ଆବଶ୍ୟକ ବୋଲି ଦଇତା ମହାପାତ୍ର ସେବକ କହିଛନ୍ତି।

“ ମହାପ୍ରଭୁଙ୍କ ନୀତି ଚାଲିଛି। ମହାପ୍ରଭୁଙ୍କ ଇଚ୍ଛାରେ ସମସ୍ତ କାର୍ଯ୍ୟ ହେଉଛି। ତେବେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ସେବାୟତଙ୍କ ମଧ୍ୟରେ କିଛି ମତପାର୍ଥକ୍ୟ ରହିଥାଏ। ସମସ୍ତ ସେବାୟତଙ୍କର ମୌଳିକ ଅଧିକାର ରହିଛି। ମହାପ୍ରଭୁଙ୍କ ବନକଲାଗି କରିବାର ଅଧିକାର ଦଇତା ମହାପାତ୍ରମାନଙ୍କର। ସେମାନେ ନୀତି କରିବେ। ଯଦି ଦଇତମହାପାତ୍ରମାନେ ନକରନ୍ତି ତେବେ ରେକର୍ଡ ଅଫ୍ ରାଇଟ ଅନୁସାରେ ପ୍ରଶାସକ ଯାହା ନିଷ୍ପତ୍ତି ନେବେ। ତାହା ସମସ୍ତେ ମାନିବା ଉଚିତ।

**–ରାମକୃଷ୍ଣ ଦାସ ମହାପାତ୍ର, ଦଇତାପତି ନିଯୋଗ ସମ୍ପାଦକ**

“ ବନକଲାଗି ନୀତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଛି। ବନକଲାଗି ପାଇଁ ଦଇତା ମହାପାତ୍ରମାନଙ୍କୁ ସୁଯୋଗ ଦିଆଯାଇଛି। ଯଦି ସେମାନେ ନକରିବେ ତେବେ ରେକର୍ଡ ଅଫ୍ ରାଇଟ୍ ଅନୁଯାୟୀ ତାଙ୍କର ବିକଳ୍ପ ଯିଏ ଥିବ ସେ ନୀତି କରିବେ।

**–ରାମଚନ୍ଦ୍ର ଦାସ ମହାପାତ୍ର, ବରିଷ୍ଠ ଦଇତାପତି ସେବକ**

“ ରେକର୍ଡ ଅଫ୍ ରାଇଟ୍‌ରେ ଯେଉଁମାନଙ୍କ ନୀତି କରିବାର ରହିଛି ସେମାନେ ନୀତି କରନ୍ତୁ। ଫଳରେ ସମସ୍ତେ ଖୁସିହେବେ। ଦଇତା ମହାପାତ୍ରମାନେ ତାଙ୍କ ନୀତି କରନ୍ତୁ। ବୁଧବାର ନୀତି ପାଇଁ ନିଷ୍ପତ୍ତି ହୋଇଛି।

**–ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ, ବରିଷ୍ଠ ସେବକ**

“ ନୀତିଶାସ୍ତ୍ର ଅନୁଯାୟୀ ଗୁରୁବାର କରାଯାଇଥାଏ। ନୀତି ପୂର୍ବରୁ ପ୍ରସ୍ତୁତି ପାଇଁ ଗୋଟିଏ ଦିନ ଲାଗିଥାଏ। ଗୁରୁବାର ବନକଲାଗି ପାଇଁ ପ୍ରଶାସନକୁ ଜଣାଇଦିଆଯାଇଛି। ପ୍ରଶାସନ ବୁଧବାର ନୀତି କରିବା ପାଇଁ ଯେଉଁ ଜିଦି କରୁଛି, ତାହାକୁ ଛାଡି ନୀତିଶାସ୍ତ୍ର ଅନୁଯାୟୀ ଗୁରୁବାର ନୀତି ପାଇଁ ଅନୁମତି ଦେଉ। ତେବେ ବୈଠକ କ’ଣ ହୋଇଛି ଜାଣିନାହୁଁ। ଯଦି ବିକଳ୍ପ କଥା କହୁଛନ୍ତି ସେ ଜାଣିଥିବେ। ରେକର୍ଡ ରାଇଟ ଅନୁସାରେ ପ୍ରଶାସନ ଯାହା ନିଷ୍ପତ୍ତି ନେବ। ମୁଖ୍ୟତଃ ପ୍ରସ୍ତୁତି ପାଇଁ ଗୋଟିଏ ଦିନ ଦରକାର ପଡିଥାଏ। ଗୁରୁବାର ବନକଲାଗି ହୋଇଥାଏ। ୨୦୧୮ ମସିହା ନିଷ୍ପତ୍ତି ପରେ ୨୦୧୯ ଏବଂ ୨୦ରେ ଗୁରୁବାର ବନକଲାଗି ହୋଇଛି।

**–ସଞ୍ଜୟ ଦଇତା ମହାପାତ୍ର, ଦଇତା ମହାପାତ୍ର ସେବକ**

“ ବନକଲାଗି ପାଇଁ ପୂର୍ବପ୍ରସ୍ତୁତି ଆବଶ୍ୟକ। ତେଣୁ ଗୁରୁବାର ବନକଲାଗି ପାଇଁ ଚିନ୍ତା ରହିଛି। ଗୁରୁବାର ମହାପ୍ରଭୁଙ୍କ ବନକଲାଗି ପାଇଁ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ରହିଛି। ଗୁରୁବାର ଯଦି କିଛି ଅସୁବିଧା ଥାଏ ତେବେ ବୁଧବାର ବନକଲାଗି କରାଯାଇଥାଏ। ବୁଧବାର ବନକଲାଗି କରିବା ପାଇଁ ସମୟ ନାହିଁ ତେଣୁ ଗୁରୁବାର ବନକଲାଗି କରିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଉଛି।

**– ମଦନମୋହନ ଦଇତା ମହାପାତ୍ର, ଦଇତାମହାପାତ୍ର ନିଯୋଗର ସମ୍ପାଦକ**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୭।୨୦୨୩

| | |
|---|---|
| ୩,୭୭,୨୨୨ ଟଙ୍କା | |
| ସୁନା | ୬୫୦ ମିଲିଗ୍ରାମ୍ |
| ରୁପା | ୩୪.୩୦୦ ଗ୍ରାମ୍ |

## ସଂକ୍ଷେପରେ

### କୂଅରୁ ଯୁବକଙ୍କ ମୃତଦେହ ଜବତ

କୋଣାର୍କ,୨୫।୭(ଜ୍ୟୋତିରାଜ ମହାନ୍ତି)- ରାମଚଣ୍ଡୀ ଥାନା ଅଧୀନ ଇତିଭୂଆଁ ପଞ୍ଚାୟତ କବିରାଜପୁର ଶୈବପୀଠ ନିକଟ ଏକ କୂଅରୁ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। କେହି ହତ୍ୟା କରି ତାଙ୍କୁ କୂଅରେ ଫିଙ୍ଗି ଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଯୁବକଙ୍କ ପକେଟରୁ ୨୦୦ ଟଙ୍କା ପୋଲିସ ଜବତ କରିଛି। ସୂଚନା ମୁତାବକ, କୂଅରୁ ଦୁର୍ଗନ୍ଧ ବାହାରୁଥିବା ନେଇ ସ୍ଥାନୀୟ ଲୋକେ ଜାଣିବା ପରେ ରାମଚଣ୍ଡୀ ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ସୁରେଶ ପୃଷ୍ଟିଙ୍କ ସହ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏକ ମୃତଦେହ ଭାସୁଥିବା ଦେଖିଥିଲେ। ଏ ସମ୍ପର୍କରେ ଖବର ପାଇ ଗୋପ ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି କୂଅରୁ ମୃତଦେହକୁ ଜବତ କରିଥିଲା। ତେବେ ଯୁବକ ଜଣଙ୍କ ୨ରୁ ୩ଦିନ ମଧ୍ୟରେ ମରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଯୁବକଙ୍କ ପରିଚୟ ମିଳିପାରି ନ ଥିବାବେଳେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ସଦର ଡାକ୍ତରଖାନାକୁ ପଠାଯାଇଛି।

### ସିଆର୍‌ପି, ଏମ୍ବିକେ ନିଯୁକ୍ତି ଲାଗି ୧୯ ପଞ୍ଚାୟତରେ ମେଧା ତାଲିକା

ଗୋପ,୨୫।୭(ଭାରତୀ ଭୂଷଣ ଉପାଧ୍ୟାୟ)- ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଓ ସରକାରୀ ଯୋଜନାରେ ଆସୁଥିବା ଅର୍ଥକୁ ଠିକ୍ ଭାବେ ସୁପରିଚାଳନା କରିବା ସରକାରଙ୍କ ମୂଳ ଲକ୍ଷ୍ୟ। ଏହିସବୁ ଯୋଜନାଗୁଡ଼ିକର କାର୍ଯ୍ୟକାରିତା କରିବାକୁ ପ୍ରତ୍ୟେକ ଗାଁରେ ସ୍ୱୟଂ ସହାୟକ ଗୋଷ୍ଠୀ ରହିଥିବାବେଳେ ଆଞ୍ଚଳିକ ମଞ୍ଚ ଓ ପଞ୍ଚାୟତସ୍ତରୀୟ ମହାସଂଘ ରହିଛି। ଏହି ଦାୟିତ୍ୱର ସୁପରିଚାଳନା କରିବାକୁ ଗୋପ ବ୍ଲକର ୧୯ଗୋଟି ପଞ୍ଚାୟତରେ ବ୍ଲକ ଜୀବିକା ମିଶନ ପକ୍ଷରୁ ଗତ ଜାନୁୟାରୀରେ ୪୫ ଗୋଟି ଆଞ୍ଚଳିକ ମଞ୍ଚ ଓ ୨ ଗୋଟି ମହାସଂଘ ପାଇଁ ସିଆର୍‌ପି(ଗୋଷ୍ଠୀ ସହାୟିକା) ଓ ଏମ୍ବିକେ ନିଯୁକ୍ତି ଲାଗି ବିଜ୍ଞାପନ ପ୍ରକାଶ ପାଇଥିଲା। ଏହି ବିଜ୍ଞାପନ ପ୍ରକାଶ ପାଇବା ପରେ ଉକ୍ତ ପଦବୀ ଲାଗି ୧୯ ଗୋଟି ପଞ୍ଚାୟତରୁ ୧୬୫ଜଣ ମହିଳା ଆବେଦନ କରିଥିଲେ। ଏହି ଆବେଦନର ସମୟ ସୀମା ଶେଷ ପରେ ଗୋପ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି, ଗୋପ ବ୍ଲକ ଜୀବିକା ମିଶନ ଅଧିକାରିଣୀ ଦୀପାଳି ଛାଟୋଇ, ଚିନ୍ମୟ କୋଠାରୀ, ରୁଦ୍ରିଲତା ଓଝା, ମଞ୍ଜୁଲତା ପ୍ରଧାନ ପ୍ରମୁଖ ଆବେଦନକାରୀଙ୍କ ସମସ୍ତ ସାର୍ଟିଫିକେଟ ସହିତ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରିବା ପରେ ନିଯୁକ୍ତି ଲାଗି ୧୯ ଗୋଟି ପଞ୍ଚାୟତ ସହିତ ବ୍ଲକରେ ମେଧା ତାଲିକା ଲାଗିଛି। ଏହାକୁ ଅଧିକ ସ୍ୱଚ୍ଛତା କରିବାକୁ ମଧ ବ୍ଲକ ପରିସରରେ ଏକ ଅଭିଯୋଗ ବାକ୍ସ ରଖାଯାଇଛି। ଏହି ଅଭିଯୋଗ ବାକ୍ସ ୨୮ ତାରିଖ ପର୍ଯ୍ୟନ୍ତ ରଖାଯିବା ସହିତ ଖୁବ୍‌ଶୀଘ୍ର ଦକ୍ଷତା ଅନୁସାରେ ନିଯୁକ୍ତି ଦିଆଯିବ ବୋଲି ବିଡିଓ ଦୀପ୍ତିରାଣୀ ଦାସ ସୂଚନା ଦେଇଛନ୍ତି।

### କ୍ୟାରିୟର କାଉନସେଲିଂ ପ୍ରୋଗ୍ରାମ

ପୁରୀ,୨୫।୭(ଅଜିତ ମହାନ୍ତି)- ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ବିଶ୍ୱ ଦକ୍ଷତା କେନ୍ଦ୍ର, ଭୁବନେଶ୍ୱର ଆନୁକୂଲ୍ୟରେ ଏକ କ୍ୟାରିୟର କାଉନସେଲିଂ ପ୍ରୋଗ୍ରାମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ନିଯୋଜନ ଅଧିକାରୀ, ସୁବାସ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧିକାରୀ ଅସୀମା ପ୍ରିୟଦର୍ଶିନୀ, ଦକ୍ଷତା ବିକାଶ କ୍ଷେତ୍ରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଅବଦାନ, ସୁଯୋଗ ଓ ୨୦୨୩-୨୪ ଶିକ୍ଷା ବର୍ଷର ନାମଲେଖା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନର ସମାଜକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରମାନେ ବିଭିନ୍ନ ନୂତନ ଓ ଆଧୁନିକ ଦକ୍ଷତାକୁ ଆପଣେଇ, ନିଜକୁ ସ୍ୱାବଲମ୍ବୀ କରି ଗଢିତୋଳିପାରିବେ ବୋଲି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ଅରବିନ୍ଦ ଘୋଷ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କ ମିଳିତ ସହଯୋଗରେ, କାର୍ଯ୍ୟକ୍ରମର ସଫଳ ସମ୍ପାଦନ ହୋଇଥିଲା।

## ସାକ୍ଷୀଗୋପାଳ ଡାକ୍ତରଖାନାକୁ ୧.୨୦ କୋଟି ମଞ୍ଜୁର

**ସାକ୍ଷୀଗୋପାଳ,୨୫।୭ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)**

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁରାତନ ଛାତ ଘର ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଯୋଗୁ ଉକ୍ତ ସ୍ଥାନରେ ଥିବା ବେଡ୍‌କୁ କମାଇ ଦେଇଥିଲେ। ଅନେକ ସମୟରେ ଉକ୍ତ ଛାତରୁ ତଳ ପଟୁ ବଡ଼ ବଡ଼ ପ୍ଲାଷ୍ଟର ଖଣ୍ଡ ଖସୁଥିବା ଅଭିଯୋଗ ମଧ୍ୟ ହୋଇଥିଲା। ଏଥିପାଇଁ ଅଞ୍ଚଳବାସୀ ଟୁଇଟର ମାଧ୍ୟମରେ ଏହାର ମରାମତି କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ଫଳରେ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ପ୍ରଚେଷ୍ଟା କ୍ରମେ ଏହି ଡାକ୍ତରଖାନାକୁ ରାଜ୍ୟ ସରକାରଙ୍କର ୫-ଟି ମାଧ୍ୟମରେ ମୋ ଡାକ୍ତରଖାନା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି।। ଏଥିପାଇଁ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ଯୋଜନାରେ ବହିର୍ବିଭାଗ, ଅନ୍ତର୍ବିଭାଗ, ବିଶେଷଜ୍ଞ, ପଞ୍ଜୀକରଣ କେନ୍ଦ୍ର, ନିରାମୟ କେନ୍ଦ୍ର, ରୋଗଙ୍କ ସହାୟକ ପାଇଁ ପ୍ରତିକ୍ଷାଳୟ, ଆହାର କେନ୍ଦ୍ର, ମିଶନ ଶକ୍ତି କାଫେ ଓ ପାର୍କିଂସ୍ଥଳ ନିର୍ମାଣ କରାଯିବା ସହ ପୁରୁଣା ବିଲଡିଂର ମରାମତି ଓ ନବୀକରଣ କରାଯିବ।




ମଣିପୁର ହିଂସାକାଣ୍ଡ, ମହିଳାଙ୍କ ପ୍ରତି ବର୍ବରତା ଘଟଣାକୁ ବିରୋଧକରି ପୁରୀର ସିଆଇଟିୟୁ ପକ୍ଷରୁ ମଙ୍ଗଳବାର ବାହାରିଥିବା ଶୋଭାଯାତ୍ରା।

## ମାର୍ଚ୍ଚ,ଏପ୍ରିଲ ଭତ୍ତା ପାଇବାରୁ ବଞ୍ଚିତ ବୃଦ୍ଧ

**କଣାସ,୨୫।୭(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଅଧୀନ ସିରେଇ ଗ୍ରାମର ବିଳାସ ମହାନ୍ତି(୮୩) ମଧୁବାବୁ ପେନସନ୍ ଯୋଜନାରେ ବିଧବା ଭତ୍ତା ପାଇଆସୁଛନ୍ତି। ଗତ ମାର୍ଚ୍ଚ ଓ ଏପ୍ରିଲ ମାସର ଭତ୍ତା ବ୍ଲକ କର୍ତ୍ତୃପକ୍ଷ ବ୍ୟାଙ୍କକୁ ନ ପଠାଇବାରୁ ସେ ବାରମ୍ବାର ବ୍ୟାଙ୍କକୁ ଦୌଡିଦୌଡି ଭତ୍ତା ଟଙ୍କା ଆସି ନ ଥିବା ବ୍ୟାଙ୍କ କର୍ମଚାରୀ ସୂଚନା ଦେଇଥିଲେ। ସେ ଏ ସମ୍ପର୍କରେ ପଞ୍ଚାୟତ ଅଧିକାରୀ, ସମାଜମଙ୍ଗଳ ଅଧିକାରୀ ଓ ବିଡିଓଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ୨ମାସର ଭତ୍ତା ବର୍ତ୍ତମାନସୁଦ୍ଧା ପାଇ ନ ଥିବାରୁ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ କଣାସ ବିଡିଓ ପବିତ୍ର ବେହେରାଙ୍କୁ ପଚାରିବାରେ, କ’ଣ ଭୁଲ ହୋଇଛି ସେ ଦେଖିବେ। ଏହିପରି ଅନେକ ବୃଦ୍ଧା/ବୃଦ୍ଧ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।

## ଗ୍ରାମେଶ୍ୱର ଦେବଙ୍କ ମନ୍ଦିରରୁ ଚୋରି

**ସାକ୍ଷୀଗୋପାଳ,୨୫।୭ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)**

ସତ୍ୟବାଦୀ ଥାନା ଅନ୍ତର୍ଗତ ଆଳିଶ ପଞ୍ଚାୟତର ଚୁରାଳୀ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ଗ୍ରାମେଶ୍ୱର ଦେବଙ୍କ ମନ୍ଦିରରୁ ସୋମବାର ମଧ୍ୟ ରାତିରେ ଚୋରି ହୋଇଛି। ମନ୍ଦିରର ଗ୍ରୀଲ ତାଲା ଭାଙ୍ଗି ମନ୍ଦିର ପରିସରରେ ଥିବା ହୁଣ୍ଡିକୁ ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଥିବା ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଛି। ସକାଳୁ ସ୍ଥାନୀୟ ଲୋକ ଓ ପୂଜାରୀ ମନ୍ଦିର ନିକଟରେ ରାସ୍ତାପାର୍ଶ୍ୱରେ ହୁଣ୍ଡିକୁ ଭାଙ୍ଗି ନୋଟ ଓ ଖୁଚୁରା ପଇସା ନେବା ସହ ସେଠାରେ ହୁଣ୍ଡିଟି ପଡିଥିବାର ଦେଖିଥିଲେ। ଖବରପାଇ ସତ୍ୟବାଦୀ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୩ ଗୋରୁ ମୃତ

**ବ୍ରହ୍ମଗିରି,୨୫। ୭(ସ୍ୱାଧୀନ ଚମ୍ପତିରାୟ) :**

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବାଲିକେରା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୩ଟି ଗାଈଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମ ଭିତରେ ତିନୋଟି ଗାଈ ଯାଉଥିବାବେଳେ ରାସ୍ତାରେ ଥିବା ଏକ LT ବିଦ୍ୟୁତ୍‌ଖୁଣ୍ଟ ସଂସ୍ପର୍ଶରେ ଆସିଯାଇଥିଲେ। ସେଥିରେ ବିଦ୍ୟୁତ୍ ଥିବାରୁ ୩ଟି ଯାକ ଗାଈ ସେଠି ମୃତ୍ୟୁବରଣ କରିଛନ୍ତି। ବିଦ୍ୟୁତଖୁଣ୍ଟ ନିକଟରେ ମୃତ ଗାଈ ପଡ଼ିଥିବା ବେଳେ ଗାଁରେ ଚାପା ଉତ୍ତେଜନା ଲାଗି ରହିଛି। ଘଟଣା ସ୍ଥଳରେ ଅଦ୍ୟାବଧି ବିଜୁଳି ବିଭାଗର କେଣସି ଅଧିକାରୀ ପହଞ୍ଚି ନାହାନ୍ତି।

## ଶ୍ରୀମନ୍ଦିରକୁ ଚନ୍ଦନକାଠ ଦାନକଲେ ଦମ୍ପତି

**ପୁରୀ,୨୫।୭(ଅଜିତ ମହାନ୍ତି)**

କୋଟି ଓଡ଼ିଆଙ୍କ ମହୁଡମଣି ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭକ୍ତ ବତ୍ସଳ। ମହାପ୍ରଭୁଙ୍କ ଭକ୍ତି ଭାବରେ ଯିଏ ଯାହା ଦାନ କରେ ମହାପ୍ରଭୁ ତାକୁ ଆଦରର ସହକାରେ ଗ୍ରହଣ କରିଥାନ୍ତି। ମହାପ୍ରଭୁ ଯେପରି ତୁଳସୀ ପ୍ରିୟ ସେହିପରି ଚନ୍ଦନ ଲାଗି ହେବାକୁ ମଧ୍ୟ ଭଲ ପାଇଥାନ୍ତି। ତେଣୁ ପ୍ରତ୍ୟେକ ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଚନ୍ଦନ ଲାଗି କରାଯାଇଥାଏ। ଏହି ପରିପ୍ରେକ୍ଷୀରେ କଟକ ଜିଲା ଟାଙ୍ଗୀ ନିବାସୀ ଲକ୍ଷ୍ମୀଧର ସାହୁ ଓ ତାଙ୍କ ଧର୍ମ ପତ୍ନୀ ନିରୁପମା ସାହୁ ମଙ୍ଗଳବାର ପୁରୀ ଆସି ପୂର୍ବାହ୍ନରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ ଭେଟି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସାଢ଼େ ତିନି କ୍ୱିଣ୍ଟା ଓଜନର ଚନ୍ଦନ କାଠ ଅର୍ପଣ କରିଛନ୍ତି। ଏହି ଚନ୍ଦନ ଗଛଟି ଲକ୍ଷ୍ମୀଧରଙ୍କ ବାଡ଼ିରେ ହୋଇଥିଲା ଓ ସେ ତାକୁ ଯତ୍ନ ଏବଂ ସୁରକ୍ଷାର ସହ ରଖିଥିଲେ। ଗତ ବାତ୍ୟାରେ ଏହା ଉପୁଡି ପଡିବା ପରେ ସେ ଏହି ଚନ୍ଦନ କାଠକୁ ବିଭିନ୍ନ ମନ୍ଦିର ଓ ଧର୍ମ ସ୍ଥାନକୁ ଦାନ କରିଥିଲେ। ତେବେ ଶ୍ରୀବିଗ୍ରହଙ୍କ ଉଦ୍ଦେଶ୍ୟରେ ଏହାକୁ ମୁଖ୍ୟ ପ୍ରଶାସକଙ୍କ ମାଧ୍ୟମରେ ପ୍ରଦାନ କରି ସେ ଖୁବ୍ ଖୁସି ହୋଇଛନ୍ତି। ଚନ୍ଦନ କାଠପ୍ରଦାନ ସମୟରେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଜିଲା ଟାଙ୍ଗୀର ଲକ୍ଷ୍ମୀଧର ଓ ତାଙ୍କ ସ୍ତ୍ରୀ ପ୍ରଶାସନକୁ ଚନ୍ଦନକାଠ ପ୍ରଦାନ କରୁଛନ୍ତି।

## ସୁରେଶ ଚନ୍ଦ୍ର ବଳପୁର ସମବାୟ ସମିତି ସମ୍ପାଦକ

**ସାକ୍ଷୀଗୋପାଳ,୨୫।୭ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)**

### କର୍ପୂର ସ୍ୱାଇଁଙ୍କୁ କାଦୁଆ ସମବାୟ ସମିତି ଦାୟିତ୍ୱ

ସତ୍ୟବାଦୀ ବ୍ଲକର ବଳପୁର ସେବା ସମବାୟ ସମିତି ସମ୍ପାଦକ କର୍ପୂର ସ୍ୱାଇଁ କାର୍ଯ୍ୟରେ ଅନିୟମିତତା କରିଥିବା ଅଭିଯୋଗରେ ନିଲମ୍ବିତ ହେବା ପରେ ଉକ୍ତ ସମବାୟ ସମିତିର ସମ୍ପାଦକ ପଦବୀ ଖାଲି ରହିଥିଲା। ତେଣୁ ଉକ୍ତ ପଦବୀରେ ଏବେ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ବଳପୁର ସମବାୟ ସମିତିରେ କାର୍ଯ୍ୟ କରିବେ। ସେ ପୂର୍ବରୁ ବଳରାମପୁର ଗଡ଼ ସମବାୟ ସମିତିର ସମ୍ପାଦକ ଥିଲେ। ଖବର ଅନୁଯାୟୀ, ଚଳିତ ଖରିଫ ଋତୁରେ ସମବାୟ ସମିତିର ଚାଷୀଙ୍କ (କେଏମ୍‌ଏସ୍) ୨୦୨୨-୨୩ ପଞ୍ଜୀକରଣ ସହ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମଏଫବିୱାଇ) ଚାଲିଛି। ସ୍ୱଚ୍ଛତାର ସହ ଜଣେ ହେଲେ ଚାଷୀ ଯେଭଳି ଏହି ଯୋଜନାରୁ ବାଦ ନ ପଡନ୍ତି, ସେଥିପାଇଁ ଦୃଷ୍ଟି ଦେଇ ଏହି ପଞ୍ଜୀକରଣ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବଳପୁର ସମବାୟ ସମିତିର ସମ୍ପାଦକ କେହି ନ ଥିବାରୁ କର୍ପୂର ସ୍ୱାଇଁଙ୍କୁ ପୁନଃ ନିଯୁକ୍ତି କରାଯାଇଥିଲା। ଯିଏ କି ପୂର୍ବରୁ ଏହି ସମିତିରେ ଅନିୟମିତତା କାର୍ଯ୍ୟ ପାଇଁ ଦୀର୍ଘ ୮ ବର୍ଷ ତଳୁ ନିଲମ୍ବିତ ହୋଇଥିଲେ। ଏହାକୁ ବିରୋଧ କରିବା ସହ କର୍ପୂରଙ୍କୁ ଏଠାରୁ ବଦଳି କରିବା ପାଇଁ ସମିତିର ଶତାଧିକ ସଭ୍ୟା ଓ ସଭ୍ୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏମାନଙ୍କ ଅଭିଯୋଗକୁ ଗୁରୁତର ସହ ନେଇ ଆସିଷ୍ଟାଣ୍ଟ ରେଜିଷ୍ଟ୍ରର ପୁରୀ ଗତ ସୋମବାର ଅର୍ଡର ନମ୍ବର : ୨୨୦୬ ରେ ଏକ ନିର୍ଦ୍ଦେଶନାମା ପ୍ରଦାନ କରିଛନ୍ତି। ଏହି ନିର୍ଦ୍ଦେଶ ନାମାରେ କର୍ପୂର ସ୍ୱାଇଁଙ୍କୁ କାଦୁଆ ସମବାୟ ସମିତିକୁ ଡେପୁଟେସନରେ ନିଯୁକ୍ତି ଦିଆଯାଇଛି। ସେଠାରେ ଅତିରିକ୍ତ ଦାୟିତ୍ୱରେ ଥିବା ବିଶ୍ୱନାଥପୁର ସମବାୟ ସମିତିର ସମ୍ପାଦକ ସୁରେଶ ସାହୁଙ୍କୁ ପ୍ରତ୍ୟାହାର କରାଯାଇଛି। ଅନ୍ୟପଟେ ବଳପୁର ସେବା ସମବାୟ ସମିତିର ନୂତନ ସମ୍ପାଦକ ଭାବେ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସମବାୟ ବିଭାଗ ତରଫରୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏଥିନିମନ୍ତେ କର୍ପୁର ସ୍ୱାଇଁ ନୂତନ ସମ୍ପାଦକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ତୁରନ୍ତ ଶୃଙ୍ଖଳିତ ଭାବେ ନିଜର କାର୍ଯ୍ୟଭାର ଦେବା ପାଇଁ ନିର୍ଦ୍ଦେଶ ରହିଛି। ଏଥିସହ କାଦୁଆ ସମବାୟ ସମିତିରେ ଅତିରିକ୍ତ ଦାୟିତ୍ୱରେ ଥିବା ସମ୍ପାଦକ ସୁରେଶ ସାହୁଙ୍କୁ ବିଶ୍ୱନାଥପୁର ସମିତି ଦାୟିତ୍ୱ ଦିଆଯାଇଛି।

## ଇନ୍ଦ୍ରଦେବଙ୍କୁ ସନ୍ତୁଷ୍ଟ ପାଇଁ ସପ୍ତଶତୀ ଚଣ୍ଡୀପାଠ



**ସାକ୍ଷୀଗୋପାଳ,୨୫।୭(ଭରତ ରାଉତ)**

### ନିଅଣ୍ଟିଆ ବର୍ଷା ଯୋଗୁ ଚିନ୍ତାରେ ଚାଷୀ

ବର୍ଷା ପାଇଁ ଇନ୍ଦ୍ର ପୂଜା। ଚାଷୀଙ୍କ ପାଇଁ କାଳ ସାଜିଛି ଚଳିତବର୍ଷର ନିଅଣ୍ଟିଆ ବର୍ଷା। ଏହାକୁ ଦୃଷ୍ଟିରେ ରଖି ଇନ୍ଦ୍ରଦେବଙ୍କ ଉଦ୍ଦେଶ୍ୟରେ ସପ୍ତଶତୀ ଚଣ୍ଡୀପାଠ ସହିତ ହୋମଯଜ୍ଞ କରିଛନ୍ତି ବିପ୍ଳବ କବି ରାଜକିଶୋର ସାହୁ। ସତ୍ୟବାଦୀ ବ୍ଲକ ଅଳଗୁମସ୍ଥିତ ବସନ୍ତମାଳ ଗ୍ରାମର ଗ୍ରାମ ଦେବତୀଙ୍କ ନିକଟରେ ଗ୍ରାମବାସୀଙ୍କ ସହଯୋଗରେ ଚଣ୍ଡୀପାଠ କରାଯାଇଛି। ଗାଁର ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ପୂଜାରେ ସାମିଲ ଥିଲେ। ଚଳିତ ବର୍ଷ ମୌସୁମୀ ବିଳମ୍ବରେ ଆସିଥିବାବେଳେ ସ୍ୱାଭାବିକ ବର୍ଷା ହେଉନି। ନିଅଣ୍ଟିଆ ବର୍ଷା ଯୋଗୁ ସତ୍ୟବାଦୀ ଅଞ୍ଚଳର ୨୪ଟି ପଞ୍ଚାୟତର ବିଲରେ ପାଣି ନାହିଁ। ଅନେକ ଜମି ପାଣି ଅଭାବରୁ ଫାଟି ଆଁ କଲାଣି। ତେଣୁ ମରୁଡିରୁ ରକ୍ଷା ପାଇବା ଓ ଭଲ ବର୍ଷା ସହିତ ଫସଲ ପାଇଁ ଇନ୍ଦ୍ର ଦେବଙ୍କୁ ପୂଜା କରୁଛନ୍ତି ଗ୍ରାମବାସୀ। ଇନ୍ଦ୍ର ଦେବଙ୍କୁ ପୂଜା କଲେ ଭଲ ବର୍ଷା ହେବ ବୋଲି ବିଶ୍ୱାସ ରହିଛି। ସଳ୍ପ ବୃଷ୍ଟିପାତ ଯୋଗୁ ଚାଷ ପ୍ରଭାବିତ ହୋଇଛି। ଧାର କରଜ କରି ଚାଷ କରିଥିବା ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ସତ୍ୟବାଦୀରେ ଜଳସେଚନର ସୁବିଧା ଥିଲେ ମଧ୍ୟ ଏସବୁ ସୁବିଧା ଠିକଠାକ ହୋଇପାରିନାହିଁ। ଏପରି ପରିସ୍ଥିତିରେ ଚାଷୀମାନଙ୍କ ନିରୁପାୟ ଅବସ୍ଥାରେ ମା’ଙ୍କ ପାଖରେ ସପ୍ତଚଣ୍ଡୀ ଚଣ୍ଡୀପାଠ କରି ଭଲ ବର୍ଷା ପାଇଁ ଇନ୍ଦ୍ର ପୂଜା କରୁଛନ୍ତି ବୋଲି ବିପ୍ଳବ କବି ରାଜକିଶୋର କହିଛନ୍ତି।

## ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଲେ ମହିଳା

**ନିମାପଡ଼ା,୨୫।୭(ବିଚିତ୍ରାନନ୍ଦ ସାହୁ)**

### ମହିଳା ମହାସଂଘ ଗଠିତ, କର୍ମକର୍ତ୍ତା ଚୟନ ବନ୍ଦ ପ୍ରତିବାଦ

ନିମାପଡ଼ା ବ୍ଲକ ଅନ୍ତର୍ଗତ ସଲଙ୍ଗ ପଞ୍ଚାୟତର ପଞ୍ଚାୟତସ୍ତରୀୟ ମାତୃଶକ୍ତି ମହିଳା ମହାସଂଘର ପୁନର୍ଗଠନ ଓ କର୍ମକର୍ତ୍ତା ଚୟନ ମଙ୍ଗଳବାର ବନ୍ଦ ହୋଇଯାଇଥିଲା। ଏହି ପୁନର୍ଗଠନ କାର୍ଯ୍ୟ ବନ୍ଦ ହେବା ପ୍ରତିବାଦରେ ମିଶନ ଶକ୍ତିର ପ୍ରାୟ ଦେଢ ଶହ ମହିଳା ନିମାପଡ଼ା ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ମହିଳାମାନେ ନାରାବାଜି କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିର୍ଷାରେ ଅପରାହ୍ନ ୩ଟାରୁ ସନ୍ଧ୍ୟା ସାଢେ ୬ଟା ପର୍ଯ୍ୟନ୍ତ ଗଣଧାରଣା ଚଳାଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ମହିଳା ମହାସଂଘ ଗଠନ ପାଇଁ ଏକ ୧୦ ଜଣିଆ ପଦାଧିକାରୀ କମିଟି ଗଠିତ ହୋଇ ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ମହିଳା ମହାସଂଘ ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯିବାକୁ ବିଭିନ୍ନ ପଦାଧିକାରୀ, ମାତୃଶକ୍ତି ମହିଳା ମହାସଂଘର ମହିଳା ନେତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାଙ୍କୁ ନିମାପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ. ୨୪୯୫ରେ ନୋଟିସ ଦିଆଯାଇ ଅବଗତ କରାଯାଇ ମଙ୍ଗଳବାର ଧାର୍ଯ୍ୟ କରାଯାଇଛି। ନୋଟିସ ଅନୁସାରେ ପଞ୍ଚାୟତର ଶହଶହ ମହିଳା ମଙ୍ଗଳବାର ପୂର୍ବାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ହେଲେ ଚୟନ କମିଟିର କୌଣସି ପଦାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରେ ନ ପହଞ୍ଚିବାରୁ ମହିଳା ମହାସଂଘ ପୁନର୍ଗଠନ ଓ କର୍ମକର୍ତ୍ତା ଚୟନ କାର୍ଯ୍ୟ ବନ୍ଦ ହୋଇଯିବାରୁ ମହିଳାମାନେ ଦୀର୍ଘ ସମୟ ଅପେକ୍ଷା କରି ନିରାଶ ହୋଇଥିଲେ। ମହାସଂଘ ଗଠନ କାର୍ଯ୍ୟ ବନ୍ଦ ହୋଇଥିବା ଯୋଗୁ ଶତାଧିକ ମହିଳା ଉତ୍ତେଜିତ ହୋଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସିଆର୍‌ପି ତପସ୍ୱିନୀ ମଲ୍ଲିକ, ସନ୍ଧ୍ୟାରାଣୀ ନାୟକ, ସୁକାନ୍ତ ପରିଡ଼ା, କଳ୍ପନା ରିଡ଼ା, ଅମିତା ପାଲ, ଅନସୂୟା ସ୍ୱାଇଁ, ଚିନ୍ମୟୀ ମିଶ୍ର, ଉର୍ମିଳା ପରିଡ଼ା, ବୀଣାପାଣି ବାରିକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଏହି ମହାସଂଘ ଗଠନର ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଓ ସେମାନଙ୍କୁ ମହାସଂଘ ପୁନର୍ଗଠନ ସମ୍ପର୍କରେ ଦିନ ଓ ତାରିଖ ଧାର୍ଯ୍ୟ ସମୟରେ ବିଧିବଦ୍ଧ ଭାବେ ଅବଗତ କରାଯାଇ ନ ଥିବା ମାତୃକୃପା ମିଶନ ଶକ୍ତିର ୫୦ଜଣରୁ ଊର୍ଦ୍ଧ୍ୱ ମହିଳା କହିଥିଲେ। ବିଡିଓ ବସନ୍ତ ମଲ୍ଲିକ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମହିଳାଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ୨ ଦିନରେ ଅଭିଯୋଗର ତଦନ୍ତ କରାଯାଇ ୨୭ ତାରିଖରେ ମହିଳା ମହାସଂଘର ପୁନର୍ଗଠନ ଓ କର୍ମକର୍ତ୍ତା ଚୟନ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ମହିଳାଙ୍କ ଆନ୍ଦୋଳନ ଓ ଅଫିସ ଫାଟକରେ ତାଲା ପଡ଼ିବା ଯୋଗୁ ବ୍ଲକ କାର୍ଯ୍ୟାଳୟ କର୍ମଚାରୀ, ପଞ୍ଚାୟତ ପ୍ରତିନିଧି ଯାତାୟାତ ପାଇଁ ହଟହଟା ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କାର୍ଯ୍ୟାଳୟରେ ପୋଲିସ ମୁତୟନ ହୋଇଥିଲେ।



ବ୍ଲକ କାର୍ଯ୍ୟାଳୟଠାରେ ଶତାଧିକ ମହିଳା ବିକ୍ଷୋଭ ପ୍ରଦର୍ଶନ କରି ଗଣଧାରଣାରେ ବସିଛନ୍ତି।

## କାରଖାନାରୁ ସିଲ୍‌ଭର ବାକ୍ସ ଚୋରି, ୪ ଗିରଫ

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଘଣ୍ଟିଖାଲଠାରେ ଥିବା ଆରତୀ ଷ୍ଟିଲ କାରଖାନାରୁ ମଙ୍ଗଳବାର ଏକ ଦାମୀ ସିଲଭର ବାକ୍ସ ଚୋରି କରିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ମାଧପୁର ଗ୍ରାମର ସୂର୍ଯ୍ୟକାନ୍ତ ବେହେରା, ଅଭିମନ୍ୟୁ ସାମଲ, ଆଠଗଡ଼ ଥାନା ଅନ୍ତର୍ଗତ ଦହିସରା ଗ୍ରାମର ମିଥୁନ ବ୍ରହ୍ମା ଓ ବାଇଲୋ ଗ୍ରାମର ଚନ୍ଦନ ସେଠୀ। ସେମାନେ କାରଖାନା ଭିତରେ ଥିବା ଉକ୍ତ ବାକ୍ସକୁ ଟେକିନେଇ ନିକଟସ୍ଥ ଜଙ୍ଗଲ ମଧ୍ୟକୁ ଯାଉଥିଲେ। ଏହି ସମୟରେ ବାକ୍ସଟି ତଳେ ପଡି ଶବ୍ଦ ହୋଇଥିଲା। ଫଳରେ କାରଖାନାର ସିକ୍ୟୁରିଟି ଗାର୍ଡ ସେଠାରେ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ। କାରଖାନାର ମୁଖ୍ୟ ନିରାପତ୍ତା ଅଧିକାରୀ ଶତ୍ରୁଘନ ସିଂ ଚୌହାନ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୧୪୧/୨୩) ରୁଜୁ କରିଥିଲା।





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କଟକ ଗସ୍ତକୁ ଦୃଷ୍ଟିରେ ରଖି ମଙ୍ଗଳବାର ହାଇକୋର୍ଟକୁ ଆଲୋକମାଳାରେ ସଜାଯାଇଛି। ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମ। ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଥିବା ନେତାଜୀଙ୍କ ଜନ୍ମ କୋଠରିକୁ ସଜାଯାଇଛି।

**ରାଷ୍ଟ୍ରପତିଙ୍କ ଆଗମନକୁ ଅପେକ୍ଷା**

# ସଜେଇ ହେଉଛି କଟକ

**କଟକ,୨୫।୭ (କାର୍ତ୍ତିକ ସାହୁ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଗମନକୁ ଅପେକ୍ଷା କରିଛି ଐତିହାସିକ କଟକ ସହର। ରାଷ୍ଟ୍ରପତି ହେବା ପରେ କଟକ ଗସ୍ତ ପ୍ରଥମ ହୋଇଥିବାରୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସୁବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଇଛି। ଏଥିସହ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବାରୁ କମିଶନରେଟ୍ ପୋଲିସ ପକ୍ଷରୁ ଟ୍ରାଫିକ ପରିଚାଳନା, କାର୍‌କେଡ୍ ଓ ଆଇନଶୃଙ୍ଖଳା ରକ୍ଷା ଦିଗରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଓ କମିଶନର ନିଖିଲ ପୱନ କଲ୍ୟାଣ ମଙ୍ଗଳବାର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସହରର ରାସ୍ତାଘାଟ ଚକାଚକ କରାଯିବା ସହ ସୌନ୍ଦର୍ଯ୍ୟକରଣ କରାଯାଇଛି। ସିଏମ୍‌ସି ପକ୍ଷରୁ ସହରର ରାସ୍ତାଘାଟ ସଫେଇ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ବ୍ୟବସ୍ଥା ସହ ମୁଖ୍ୟ ସ୍ୱାଗତ ତୋରଣ ଓ ହୋର୍ଡ଼ିଂ ଜରିଆରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ବ୍ୟବସ୍ଥା ହୋଇଛି। ଅପରପକ୍ଷରେ କଟକ ଚଣ୍ଡୀ ମନ୍ଦିର, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଓ ନ୍ୟାୟିକ ସଂଗ୍ରହାଳୟକୁ ଅତ୍ୟନ୍ତ ଆକର୍ଷଣୀୟ ଢଙ୍ଗରେ ସଜ୍ଜିତ କରାଯାଇଛି। ସେହିପରି ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ନେତାଜୀଙ୍କ ଜନ୍ମ ପ୍ରକୋଷ୍ଠ ଓ ତାଙ୍କ ପ୍ରତିମୂର୍ତ୍ତିକୁ ଫୁଲରେ ସଜ୍ଜିତ କରାଯାଇଛି। ଦରଘାବଜାରଠାରୁ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ସଜ୍ଜିତ କରାଯାଇଛି। ପୁରୁଣା ଜେଲ୍ ପାର୍ଶ୍ୱରେ ରାଷ୍ଟ୍ରପତିଙ୍କ ବଡ଼ ଫଟୋ ଥିବା ସ୍ୱାଗତ ହୋର୍ଡିଂ ଲଗାଯାଇଛି। ସେହିପରି ହାଇକୋର୍ଟ ପରିସରରେ ମଧ୍ୟ ସୌନ୍ଦର୍ଯ୍ୟକରଣ କରାଯାଇଛି।




ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଯିବା ରାସ୍ତା ପାର୍ଶ୍ୱରେ ସିଏମ୍‌ସି ପକ୍ଷରୁ ରାଷ୍ଟ୍ରପତିଙ୍କ ପୋଷ୍ଟର ଲଗାଯାଇଛି।

## ରାଷ୍ଟ୍ରପତିଙ୍କ ଗସ୍ତ ସୂଚୀ

ରାଷ୍ଟ୍ରପତି ସକାଳ ୯ଟା ୨୦ ମିନିଟ୍‌ରେ ମା' କଟକ ଚଣ୍ଡୀ ମନ୍ଦିରରେ ପହଞ୍ଚିବେ। ସେଠାରେ ୯ଟା ୩୦ରୁ ୯ଟା ୪୫ ପର୍ଯ୍ୟନ୍ତ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ। ପରେ ସକାଳ ୯ଟା ୫୫ରୁ ୧୦.୦୫ ଯାଏ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବାସଭବନ ଓ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରିବେ। ପୂର୍ବାହ୍ନ ୧୦ଟା ୧୫ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ସଂଗ୍ରହାଳୟରେ ପହଞ୍ଚିବେ। ପରେ ପୂର୍ବାହ୍ନ ୧୦ଟା ୪୫ ମିନିଟ୍ ସୁଦ୍ଧା ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମରେ ପହଞ୍ଚି ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ମଧ୍ୟାହ୍ନ ୧୨ଟାରେ ଇନ୍‌ଡୋର ଷ୍ଟାଡିୟମ୍‌ରୁ ବାହାରି ନ୍ୟାୟିକ ସଂଗ୍ରହାଳୟ ପରିଦର୍ଶନରେ ଯିବେ। ମଧ୍ୟାହ୍ନ ୧୨ଟା ୩୫ରେ ହାଇକୋର୍ଟରେ ପହଞ୍ଚି ମଧ୍ୟାହ୍ନ ଭୋଜନ କରିବା ସହ କିଛି ସମୟ ବିରତିରେ ରହିବେ। ଅପରାହ୍ନ ୩ଟାରୁ ୩ଟା ୪୫ ମିନିଟ୍ ଯାଏ ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ଯୋଗଦେବେ। ଶେଷରେ ଅପରାହ୍ନ ୪ଟା ୧୫ରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବା ପରେ ଭୁବନେଶ୍ୱର ରାଜଭବନ ପ୍ରତ୍ୟାବର୍ତ୍ତନ କରିବେ।

# ଯାନବାହନ କଟକଣା

**ଭାରିଯାନ ଚଳାଚଳ ଉପରେ ରୋକ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର କଟକ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ଉକ୍ତ ଦିନ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଭୁବନେଶ୍ୱରରୁ କଟକ ଦେଇ ୧୬ ନମ୍ବର ଜାତୀୟ ରାଜପଥରେ ଜଗତପୁର ଆଡ଼କୁ ଭାରିଯାନ ଯାତାୟାତ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ବନ୍ଦ ରହିବ। ଜଗତପୁର, ନୂଆବଜାର ଏବଂ ଓଏମ୍‌ପି ଛକ ଦେଇ କୌଣସି ଭାରିଯାନ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଭୁବନେଶ୍ୱର ଆଡ଼କୁ ଯାଇପାରିବ ନାହିଁ। ଓଏମ୍‌ପି ଛକ, କାଳିଆବୋଦା ଓ ଯୋବ୍ରା ଛକ ଦେଇ ଭାରିଯାନ ମହାନଦୀ ରିଂବନ୍ଧ ଦେଇ ସକାଳ ୬ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଯାଇପାରିବ ନାହିଁ। ସୁଭାଷ ବୋଷ ସେତୁ ଓ ନରାଜ ରିଂରୋଡ୍ ଦେଇ ଭାରିଯାନ ଚହଟା ଛକ ଆଡ଼କୁ ସକାଳ ୬ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଯାଇପାରିବେ ନାହିଁ। ସେହିପରି ସକାଳ ୮ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ କୌଣସି ଯାନ ସିବି-୧ ଛକ, କନିକା ଛକ, ଏସ୍.କେ. ପଟ୍ଟନାୟକ ଛକ, ବିଜୁ ପଟ୍ଟନାୟକ ଛକ, ସମାଜ ଅଫିସ ଛକରୁ ସିଧା ଚଣ୍ଡିଛକ ଆଡ଼କୁ ଯାଇପାରିବ ନାହିଁ। ରାଷ୍ଟ୍ରପତି ମୁର୍ମୁ ନେତାଜୀ ସୁଭାଷ ବୋଷଙ୍କ ଜନ୍ମସ୍ଥାନକୁ ଯିବାଆସିବା ସମୟରେ କୌଣସି ଯାନ ଫାୟାର ଅଫିସ ଛକ, ବେପାରି ସାହି, ହାତୀପୋଖରୀ, ତିନିକୋଣିଆ ବଗିଚା, ଚୌଧୁରୀ ବଜାର ଦେଇ ଜେଲରୋଡ୍ ଆଡ଼କୁ ଯାଇପାରିବ ନାହିଁ। ଇନ୍‌ଡୋର ଷ୍ଟାଡିୟମ ଏବଂ ନ୍ୟାୟିକ ସଂଗ୍ରହାଳୟକୁ ରାଷ୍ଟ୍ରପତି ଯିବାଆସିବା ସମୟରେ କୌଣସି ଗାଡ଼ି କିଲାଫୋର୍ଟ ଛକ, ବିଜୁ ପଟ୍ଟନାୟକ ଛକ ଓ ହରିଣ ପାର୍କ ଛକରୁ ଆନନ୍ଦ ଭବନ ଆଡ଼କୁ ଯାଇପାରିବ ନାହିଁ। ରାଷ୍ଟ୍ରପତି ହାଇକୋର୍ଟକୁ ଯିବାଆସିବା ସମୟରେ କୌଣସି ଗାଡ଼ି ଚହଟା ଛକ, ସତୀଚଉରା ଛକ, ହାଇକୋର୍ଟ ଛକ, ବେଲଭ୍ୟୁ ଛକ, ଚାନ୍ଦିନୀଚୌକ ଛକ ଓ ଡିପିଓ ଗଡ଼ା ଦେଇ ହାଇକୋର୍ଟ ଆସିପାରିବ ନାହିଁ। ସେହିପରି ରାଷ୍ଟ୍ରପତି ହାଇକୋର୍ଟରୁ ଏସ୍‌ସିବି ମେଡିକାଲକୁ ଆସିବା ସମୟରେ କୌଣସି ଯାନ ଚହଟା ଛକ, ଯୋବ୍ରା ଛକ ଓ ହିନ୍ଦ୍ ସିନେମା ଛକ ଦେଇ ମହାନଦୀ ରିଂବନ୍ଧରେ ଯାତାୟାତ କରିପାରିବ ନାହିଁ। ଏଥିସହ ଏସ୍‌ସିବି ମେଡିକାଲରୁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟକୁ ଯିବାଆସିବା ସମୟରେ କୌଣସି ଗାଡ଼ି ଯୋବ୍ରା ଛକ, ମାତାମଠ ଛକ, ଚହଟା ଛକ, ମଧୁସୂଦନ ସେତୁ ଛକ, ନରାଜ ଛକ ଓ ସୁଭାଷ ବୋଷ ସେତୁ ଦେଇ ଯାଇପାରିବ ନାହିଁ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସ୍ପଷ୍ଟ କରିଛନ୍ତି।

# ଶୃଙ୍ଖଳିତ ଭାବେ ଦାୟିତ୍ୱ ନିର୍ବାହ କର: ଡିସିପି

ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏ ନେଇ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଡିସିପି ପିନାକ ମିଶ୍ର ଏଥିରେ ଅଧକ୍ଷତା କରି ଉପସ୍ଥିତ ପୋଲିସ ଅଧିକାରୀମାନଙ୍କୁ ରାଷ୍ଟ୍ରପତିଙ୍କ ଗସ୍ତ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମାପନ ନିମନ୍ତେ ଅଧିକ ତତ୍ପରତାର ସହ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଛନ୍ତି। ଗସ୍ତ ସମୟରେ ଯେଭଳି କୌଣସି ପ୍ରକାର ତ୍ରୁଟି ନ ହୁଏ ସେଥିପ୍ରତି ସମସ୍ତଙ୍କୁ ସତର୍କ କରାଇଛନ୍ତି। ରାଷ୍ଟ୍ରପତି ଭୁବନେଶ୍ୱରରୁ କଟକରେ ପହଞ୍ଚିବା ନିମନ୍ତେ ହୋଇଥିବା କାର୍‌କେଡ୍ ବ୍ୟବସ୍ଥାରେ ୩୨ଟି କାର୍ ସାମିଲ ହୋଇଛି। ପୋଲିସ କମିଶନର ଓ ଡିସିପି ଉପସ୍ଥିତ ରହି ପୂରା ବ୍ୟବସ୍ଥାକୁ ତଦାରଖ କରିବେ। ଏଥିପାଇଁ ସହରରେ ୪୫ ପ୍ଲାଟୁନ୍ ଫୋର୍ସ ଓ ବିଭିନ୍ନ ର୍ୟାଙ୍କର ୨୦୦ ପୋଲିସ ଅଧିକାରୀଙ୍କୁ ନିୟୁକ୍ତ କରାଯାଇଥିବା ସୂଚନା ମିଳିଛି। ପୋଲିସର ସନ୍ଧାନୀ କୁକୁର ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଇଛି।



ବୈଠକରେ ଡିସିପି ପିନାକ ମିଶ୍ରଙ୍କ ସହ ପୋଲିସ ଅଧିକାରୀମାନେ।

## ସଂକ୍ଷେପରେ

### ଇଂ. ନକୁଳ ଚନ୍ଦ୍ର ନନ୍ଦୀଙ୍କ ପରଲୋକ

**କଟକ,୨୫।୭ (କାର୍ତ୍ତିକ ସାହୁ):** ଜଳ ସମ୍ପଦ ବିଭାଗର ଅବସରପ୍ରାପ୍ତ ଇଞ୍ଜିନିୟର ନକୁଳ ଚନ୍ଦ୍ର ନନ୍ଦୀ(୯୨)ଙ୍କର ଏକ ଘରୋଇ ମେଡିକାଲରେ ପରଲୋକ ହୋଇଯାଇଛି। ସେ ୧୯୯୨ରେ ଚାକିରିରୁ ଅବସର ନେବା ପରେ କଟକ ରାଉସାପାଟଣାରେ ବାସ କରୁଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ରଞ୍ଜନ କୁମାର ନନ୍ଦୀ ମୁଖାଗ୍ନି ଦେଇଥିଲେ।



### ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ ରାଜ୍ୟ ମିଶନଶକ୍ତି ଉପଦେଷ୍ଟା

**ଚୌଦ୍ୱାର,୨୫।୭(ଆଶୁତୋଷ ଦାସ):** ରାଜ୍ୟ ମିଶନଶକ୍ତି ଉପଦେଷ୍ଟା ଗୀତାଞ୍ଜଳି ବସ୍ତିଆ ଚୌଦ୍ୱାର ପୌରାଞ୍ଚଳରେ ମିଶନଶକ୍ତି ମହିଳାଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପ୍ରଥମେ ସେ ପୌରପାଳିକାର ୧୭ନଂ. ୱାର୍ଡରେ ଥିବା ମଳପଙ୍କ ବିଶୋଧନାଗାର ଓ ସମ୍ପଦ କେନ୍ଦ୍ର ପରିଦର୍ଶନ କରିଥିଲେ। ଉଭୟ ପ୍ରକଳ୍ପ ପରିଚାଳନା କରୁଥିବା ମହିଳାଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯିବା ପାଇଁ ସେ କହିଥିଲେ। ଏଥିସହ ସେ ଚୌଦ୍ୱାର ଗାନ୍ଧୀ ଛକରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ବ୍ଲକ ଅଧକ୍ଷା ମୀନାକ୍ଷୀ ଦାସ, ଉପାଧକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଆଶୁତୋଷ ଦାସ, ଅକ୍ଷୟ ମିଶ୍ର, ସଞ୍ଜୟ ସାମନ୍ତ, ବାସନ୍ତୀ ସାହୁ, ସିକ୍ତା ମହାନ୍ତି, ପୀୟୁଷ ରଞ୍ଜନ ସାହୁ, ଦେବୀକା ମହାନ୍ତି ଓ ଗଙ୍ଗୋତ୍ରୀ ଦଳାଇ ଉପସ୍ଥିତ ଥିଲେ। ପରେ ଉପଦେଷ୍ଟା ବସ୍ତିଆ ଟାଙ୍ଗୀ ଅଞ୍ଚଳର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ।




ମଣିପୁରରେ ନାରକୀୟ ବୀଭତ୍ସତାର ଅବସାନ ଓ ଶାନ୍ତି ଫେରାଇ ଆଣିବା ଦାବିରେ ମଙ୍ଗଳବାର ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ।

# ଆଲୋଚନା ପରେ ଦାବି ପୂରଣ ହେଲା

**କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରସଙ୍ଗ**

**ଚୌଦ୍ୱାର,୨୫।୭(ଆଶୁତୋଷ ଦାସ)**

ବିଭିନ୍ନ ଦାବି ନେଇ ଚୌଦ୍ୱାର ଥାନା ଅଧୀନ ଇନ୍ଦ୍ରାଣୀପାଟଣା ପଞ୍ଚାୟତରେ ଥିବା ଫ୍ଲିପ୍‌କାର୍ଟ କମ୍ପାନୀର ହବ୍‌ସେଣ୍ଟର ଫାଟକଠାରେ କର୍ମଚାରୀମାନେ ଶନିବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଆଲୋଚନା ମାଧ୍ୟମରେ ସେମାନଙ୍କ ଦାବି ପୂରଣ ପାଇଁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତଦନୁଯାୟୀ ମଙ୍ଗଳବାର ଅପରାହ୍ନରେ ଚୌଦ୍ୱାର ପୌରପାଳିକାର ୧୦ନଂ. ୱାର୍ଡ ଜଗନ୍ନାଥ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଜିଲା ଶ୍ରମ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ, ଚୌଦ୍ୱାର ସହକାରୀ ଶ୍ରମ ଅଧିକାରୀ ଲୀରିକା ରାୟ, ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ଫ୍ଲିପ୍‌କାର୍ଟ କମ୍ପାନୀ ଅଧିକାରୀ ଯୋଗଦେଇ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଆନ୍ଦୋଳନକାରୀମାନେ ୧୦ଦଫା ଦାବି ଉପସ୍ଥାପନ କରିଥିଲେ। ସମସ୍ତ ଦାବି ଉପରେ କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହିତ ନିକଟରେ ଛଟେଇ ହୋଇଥିବା ୮ଜଣ କର୍ମଚାରୀଙ୍କୁ ପୁନଃନିଯୁକ୍ତି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସମାଧାନର ବାଟ ଫିଟିଥିବା ବିଧାୟକ ବିଶ୍ୱାଳ କହିଛନ୍ତି।

# ପାଠକପ୍ରିୟ ଲେଖକ ଥିଲେ ପ୍ରବୋଧବାବୁ

**କଟକ,୨୫।୭ (କାର୍ତ୍ତିକ ସାହୁ)**

ବିଶିଷ୍ଟ ସାହିତ୍ୟିକ, ପ୍ରଶାସକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ କୁମାର ରାଉତଙ୍କ ବିୟୋଗରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ମଙ୍ଗଳବାର କଟକ ସାରଳା ଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି ରାଉତଙ୍କୁ ଜଣେ ସଫଳ ସ୍ରଷ୍ଟା, ସୁଦକ୍ଷ ପ୍ରଶାସକ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ଅଭିହିତ କରିଥିଲେ। ଓଡ଼ିଆ ସାହିତ୍ୟର ଗଳ୍ପ, କବିତା, ପ୍ରବନ୍ଧ ରଚନା କ୍ଷେତ୍ରରେ ପ୍ରବୋଧ ରାଉତଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରବୋଧ ବାବୁ ଜଣେ ପାଠକପ୍ରିୟ ଲେଖକ ଓ ସାରସ୍ୱତ ସଙ୍ଗଠକ ଭାବେ ଖ୍ୟାତି ଅର୍ଜନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଚିବ ଭାବରେ ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ଏହି ସଭାରେ ତରୁଣ କୁମାର ରାଉତ, ସୁଲୋଚନା ଦାସ, ଡ. ସୁନାମଣି ରାଉତ, ପ୍ରଫେସର ଡା. ନିମାଇଁ ଚରଣ ପରିଡ଼ା, ପ୍ରସନ୍ନ କୁମାର ଜେନା, ଡ. ଅର୍ଜୁନ ଚରଣ ମଲ୍ଲିକ ଓ ସଙ୍ଗୀତ୍ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।



କଟକ ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# 'ଦେଶର ଅଗ୍ରଗତିରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ପ୍ରଫେସର ପତିତପାବନ ମିଶ୍ର ମେମୋରିଆଲ ସ୍ମାର୍ଟ ଶ୍ରେଣୀଗୃହ ଉଦ୍‌ଘାଟିତ**

**କଟକ,୨୫।୭ (କାର୍ତ୍ତିକ ସାହୁ)**

ଦେଶର ଅଗ୍ରଗତିରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜ୍ଞାନ ଓ ବିଜ୍ଞାନ କ୍ଷେତ୍ରରେ ଆମେ ଯେତିକି ବିକାଶ କରିବା ଆମ ରାଜ୍ୟ ତଥା ଦେଶର ସେତିକି ଅଭିବୃଦ୍ଧି ହୋଇଚାଲିବ। ଏଥିପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜର ଜ୍ଞାନକୁ ସୀମିତ ନ ରଖି ପ୍ରତିଟି କ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରନ୍ତୁ ବୋଲି ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସନାୟକ କହିଛନ୍ତି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପ୍ରଫେସର ପତିତପାବନ ମିଶ୍ର ମେମୋରିଆଲ ସ୍ମାର୍ଟ ଶ୍ରେଣୀଗୃହ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦାସନାୟକ ଯୋଗଦେଇ କହିଥିଲେ, ସମାଜକୁ କଲେଜ ଓ ବିଶ୍ୱବିଦ୍ୟାଳୟ ସହ ଯୋଡ଼ି କଲେଜର ବିକାଶ କରିବା ଦିଗରେ ଆମେ ଆଉ ଏକ ପାଦ ଆଗକୁ ଯାଇଛୁ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପ୍ରଫେସର ପତିତପାବନ ମିଶ୍ରଙ୍କ ସ୍ମୃତିରେ ଏକ ସ୍ମାର୍ଟ ଶ୍ରେଣୀଗୃହ ତିଆରି ହୋଇଛି। ପ୍ରଫେସର ମିଶ୍ର ଜଣେ ସରଳ ମଣିଷ ଥିଲେ। ପଦାର୍ଥବିଜ୍ଞାନ କ୍ଷେତ୍ରରେ ସେ ସର୍ବଦା ଗବେଷଣା କରୁଥିଲେ। ସେ ବହୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିଥିଲେ। ତାଙ୍କ ସ୍ମୃତିରେ ବିଶ୍ୱବିଦ୍ୟାଳୟରେ ଏକ ସ୍ମାର୍ଟ ଶ୍ରେଣୀଗୃହ କରିବାକୁ ପ୍ରଫେସର ମିଶ୍ରଙ୍କ ଝିଅ ପ୍ରଭାତୀ ମିଶ୍ର, ଡ. ପ୍ରଣତୀ ମିଶ୍ର ଏବଂ ପୁଅ ରଞ୍ଜନ ମିଶ୍ର ଓ ପ୍ଲାଜମନ୍ ମିଶ୍ର ଅର୍ଥ ଅନୁଦାନ ଯୋଗାଇ ଦେଇଥିଲେ। ଏହାପରେ ମୋ କଲେଜ ପକ୍ଷରୁ ଏହି ଅର୍ଥରାଶିର ଦୁଇଗୁଣା ଅର୍ଥ ପ୍ରକଳ୍ପ ପାଇଁ ପ୍ରଦାନ କରାଯାଇଥିଲା। ତେଣୁ ଆଗାମୀ ଦିନରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରୀଛାତ୍ର ନିଜ ଅନୁଷ୍ଠାନ ସହ ଯୋଡ଼ି ହୋଇ ଏହାର ସର୍ବାଙ୍ଗୀନ ବିକାଶ କରିବା ପାଇଁ ପ୍ରୟାସ କରନ୍ତୁ ବୋଲି ଦାସନାୟକ କହିଥିଲେ।

ସେହିପରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ କହିଥିଲେ, ପଦାର୍ଥବିଜ୍ଞାନ କ୍ଷେତ୍ରରେ ପ୍ରଫେସର ପତିତପାବନ ମିଶ୍ରଙ୍କ ନୂଆ ନୂଆ ଚିନ୍ତାଧାରା ଏବଂ ବିଶ୍ୱବିଦ୍ୟାଳୟ ଓ ପଦାର୍ଥବିଜ୍ଞାନ ବିଭାଗର ବିକାଶ ଲାଗି ତାଙ୍କର ଅବଦାନ ପାଇଁ ସେ ସର୍ବଦା ମନେ ରହିବେ। ଉଚ୍ଚଶିକ୍ଷାନୁଷ୍ଠାନର ବିକାଶ ପାଇଁ ମୋ କଲେଜ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ନିମନ୍ତେ ପ୍ରଫେସର ନାୟକ ଧନ୍ୟବାଦ ଦେଇଥିଲେ। ପ୍ରଫେସର ଆର୍.ଏନ୍. ମିଶ୍ର ଯୋଗଦେଇ ପ୍ରଫେସର ପତିତପାବନ ମିଶ୍ରଙ୍କ ଆତ୍ମଜୀବନୀ ଉପସ୍ଥାପନ କରିଥିଲେ। ପ୍ରଫେସର ଶିବବ୍ରତ ଦାସ ଧନ୍ୟବାଦ ଦେଇଥିଲେ।




ସ୍ମାର୍ଟ ଶ୍ରେଣୀଗୃହ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଆକାଶ ଦାସନାୟକଙ୍କ ସହ ଅନ୍ୟମାନେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୯୯ତମ ଶ୍ରାଦ୍ଧୋତ୍ସବ, ଜୟଦେବ ବିହାର ନିକଟ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୭ତମ ଶ୍ରାଦ୍ଧୋତ୍ସବ, ପିଏମ୍‌ଜି ଅଫିସ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୪୫।
- ରକ୍ତଦାନ ଶିବିର, ଓୟୁଏଟି, ସକାଳ ୯ଟା।
- ଡିଷ୍ଟ୍ରିକ୍ଟ ଇନ୍‌ଷ୍ଟାଲେଶନ ଏବଂ ଲିଡରଶିପ୍ ଟ୍ରେନିଂ, ସ୍ୱସ୍ତି ପ୍ରିମିୟମ୍, ସକାଳ ୯ଟା ୩୦।
- ଭଞ୍ଜସେନା ପକ୍ଷରୁ ଗଣଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା ୩୦।
- ନିଖିଳ ଓଡ଼ିଶା ୬୬୨ ବେସରକାରୀ ଅଧାପକ କର୍ମଚାରୀ ସଂଘର ରାଲି, ଲୋୟର ପିଏମ୍‌ଜି, ମଧ୍ୟାହ୍ନ ୧୨ଟା ୩୦।
- ଶ୍ରୀ ଜାଗନନ୍ନାଥଙ୍କ ଭକ୍ତି ସଙ୍ଗୀତ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- କାର୍ଗିଲ ବିଜୟ ଦିବସ ପାଳନ ଓ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, ଲୋୟର ପିଏମ୍‌ଜି, ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ଆଜି ବନକଲାଗି ନୀତି କରିବାକୁ କଡ଼ା ନିର୍ଦ୍ଦେଶ

**ପୁରୀ,୨୫।୭(ଅଜିତ୍ ମହାନ୍ତି)**



ନୀଳାଦ୍ରି ବିଜେପରଠାରୁ ମହାପ୍ରଭୁଙ୍କ ବନକଲାଗି ନୀତି ବନ୍ଦ ରହିଛି। ବନକଲାଗି ନୀତି କେଉଁ ବାରରେ କରାଯିବ ତାହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ଦତ୍ତ ମହାପାତ୍ର ସେବକମାନଙ୍କ ମଧ୍ୟରେ ଟଣାଓଟରା କାରଣରୁ ମହାପ୍ରଭୁଙ୍କ ନୀତି ହୋଇପାରୁ ନାହିଁ। ତେବେ ମହାପ୍ରଭୁଙ୍କ ବନକଲାଗି ନୀତିକୁ ନେଇ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ଯେ, ମହାପ୍ରଭୁଙ୍କ ବନକ ଲାଗି ନୀତି ଦୀର୍ଘ ବର୍ଷ ହେଲା ପ୍ରତି ବୁଧବାର ହୋଇଆସୁଛି। ଚଳିତବର୍ଷ ରଥଯାତ୍ରା ପରେ ନିର୍ଦ୍ଧାରିତ ୧୨ତାରିଖ ବୁଧବାରରେ ବନକଲାଗି ନ କରିବାରୁ ଗତ୧୮ତାରିଖରେ ମୁଖ୍ୟ ପ୍ରଶାସକଙ୍କ ଅଧକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ବରିଷ୍ଠ ସେବକମାନଙ୍କ ସହ ଦତ୍ତ ମହାପାତ୍ର ନିଯୋଗ ମଧ୍ୟ ଉପସ୍ଥିତ ଥିଲେ। ଏହି ବୈଠକରେ ନିର୍ଦ୍ଧାରଣ ହୋଇଥିଲା ଯେ, ବୁଧବାର ବନକ ଲାଗି କରାଯିବ। ତଦନୁସାରେ ୧୯ତାରିଖ ବୁଧବାର ବନକ ଲାଗି ପାଇଁ ଦତ୍ତମହାପାତ୍ର ନିଯୋଗକୁ ଆଗୁଆ ଅବଗତ କରାଯାଇଥିଲା। ମାତ୍ର ଦତ୍ତ ମହାପାତ୍ର ନିଯୋଗ ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପାଦନ କରି ନ ଥିଲେ। ଫଳରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ଅନୁସାରେ ଦତ୍ତ ମହାପାତ୍ର ନିଯୋଗକୁ

**ଦତ୍ତ ମହାପାତ୍ର ନିଯୋଗକୁ ପ୍ରଶାସନର ନାଲିଆଖି**

**ନିର୍ଦ୍ଦେଶ ପାଳନ ନ କଲେ କାର୍ଯ୍ୟାନୁଷ୍ଠାନ**

କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଯାହାର ଜବାବରେ ନିଯୋଗ ପକ୍ଷରୁ ଦାଖଲ କରାଯାଇଥିବା ଉତ୍ତର ସନ୍ତୋଷଜନକ ତଥା ଗ୍ରହଣୀୟ ନୁହେଁ। ଏଭଳି ସ୍ଥିତିରେ, ୨୬ ତାରିଖ ବୁଧବାରରେ ବନକଲାଗି ସମ୍ପାଦନ କରିବା ପାଇଁ ଦତ୍ତ ମହାପାତ୍ର ନିଯୋଗକୁ ପୁଣିଥରେ ନିର୍ଦ୍ଦେଶ ଜାରି କରାଯାଇଛି। ଉକ୍ତ ନିର୍ଦ୍ଦେଶ ଅବମାନନା କଲେ ଦତ୍ତ ମହାପାତ୍ରଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ବାଧ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି।

## ଏଆଇ ଟୁଲ୍‌ର ବ୍ୟବହାର ଶିଖିବେ ଉଚ୍ଚଶିକ୍ଷା ବିଭାଗ କର୍ମଚାରୀ

**ଭୁବନେଶ୍ୱର,୨୫।୭(ଅନୁରାଧା ମହାରଣା):** ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଟୁଲ୍‌ର ବ୍ୟବହାର ଶିଖିବେ ଉଚ୍ଚ ଶିକ୍ଷା ବିଭାଗର କର୍ମଚାରୀ। ଏଥିପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ବିଭାଗର ସମସ୍ତ ସେକ୍ସନର କର୍ମଚାରୀଙ୍କୁ ଏନେଇ ଅବଗତ କରାଯାଇଛି। ବୁଧବାର ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମସ୍ତ ଉପବିଭାଗରର ଅଫିସରଙ୍କୁ ଯୋଗ ଦେବା ପାଇଁ ବିଭାଗୀୟ ଯୁଗ୍ମ ସଚିବ ଧୀରେନ୍ଦ୍ର ନାଥ କର ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ କାର୍ଯ୍ୟକୁ ସରଳ କରିବାରେ ଏଆଇ ଟୁଲ୍ ସହାୟକ ହେବ ବୋଲି ବିଭାଗ ପକ୍ଷରୁ ଆଶା କରାଯାଉଛି। ପ୍ରାୟ ୩ ଘଣ୍ଟା ଧରି ଏହି ଏଆଇ ଟୁଲର ବ୍ୟବହାର ସମ୍ପର୍କିତ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି।



## ମୁଣ୍ଡଳୀରେ ପହଞ୍ଚିଲା ଚଳିତବର୍ଷର ପ୍ରଥମ ବନ୍ୟାଜଳ

**ବାରଙ୍ଗ,୨୫।୭(ଲିଙ୍ଗରାଜ ରାଉତ)**

ଉପରମୁଣ୍ଡରେ ବର୍ଷା ଲାଗିରହିଥିବାରୁ ହୀରାକୁଦରୁ ପର୍ଯ୍ୟାୟକ୍ରମେ ୧୨ଟି ଗେଟ ଖୋଲାଯାଇଛି। ତେବେ ଚଳିତବର୍ଷର ଏହି ପ୍ରଥମ ବନ୍ୟାଜଳ ମଙ୍ଗଳବାର ସକାଳେ ମୁଣ୍ଡଳିଠାରେ ଆସି ପହଞ୍ଚିଛି। ଏହି ବନ୍ୟାଜଳ ପହଞ୍ଚିବା ପରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଥିବା ବେଳେ ବର୍ତ୍ତମାନ ମୁଣ୍ଡଳୀ ଦେଇ ୮୪ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଏବେ ଆସିଥିବା ବନ୍ୟାଜଳରେ ତଳିଆ ଅଞ୍ଚଳରେ କୌଣସି ବିପଦ ନଥିବା ସୂଚନା ଦିଆଯାଇଛି। ଯଦି ଆଗକୁ ଅଧିକ ବର୍ଷା ହୁଏ ତେବେ ମହାନଦୀରେ ବନ୍ୟା ଆଶଙ୍କା କରାଯାଇପାରେ ବୋଲି ମୁଣ୍ଡଳି ପ୍ରାଚୀ ଡିଭିଜନ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ମୁଣ୍ଡଳୀରେ ବନ୍ୟା ପାଣି ପହଞ୍ଚିଥିବାର ଜଣାପଡିବା ପରେ ଦିନତମାମ ବନ୍ୟାଜଳକୁ ଦେଖିବା ପାଇଁ ମୁଣ୍ଡଳି ବ୍ୟାରେଜରେ ସ୍ଥାନୀୟ ଲୋକଙ୍କର ଭିଡ଼ ଲାଗିରହିଥିଲା।

## ଏଚ୍.ଏସ୍. ବାଜଓ୍ୱା ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ

**ଜଟଣୀ,୨୫।୭(ରବୀନ୍ଦ୍ର ନାଥ ମହାକୁଡ଼):** ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଭାବେ ଏଚ୍.ଏସ୍. ବାଜଓ୍ୱା ଦାୟିତ୍ୱ ଗ୍ରହଣ କରିଛନ୍ତି। ବାଜଓ୍ୱା ୧୯୯୭ ରେ ଭାରତୀୟ ରେଳ ଟ୍ରାଫିକ ସେବାରେ ଯୋଗଦେଇଥିଲେ। ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପ୍ରବନ୍ଧକ ଭାବେ ଦାୟିତ୍ୱ ନେବା ପୂର୍ବରୁ ସେ ରେଲୱେ ବୋର୍ଡରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କୋଇଲା)ଭାବେ କାର୍ଯ୍ୟ କରୁଥିଲେ। ୧୯୯୧-୧୯୯୫ ମସିହାରେ ଚଣ୍ଡିଗଡ଼ର ପଞ୍ଜାବ ଇଞ୍ଜିନିୟରିଂ କଲେଜରେ ସ୍ନାତକୋତ୍ତର କରିଛନ୍ତି। ଏଥିସହ ସେ ତାଲିମ ନେଇ କୋରିଆ ଏବଂ ଜାପାନ ଯାଇଛନ୍ତି। ଦଳଗତ କାର୍ଯ୍ୟରେ ବିଶ୍ୱାସ କରନ୍ତି ବୋଲି ବାଜଓ୍ୱା କହିଛନ୍ତି।



# ଲାଞ୍ଚ ନେଇ ଡେଲାଙ୍ଗ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ଗିରଫ

**ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ଡେଲାଙ୍ଗ(ରଶ୍ମି ରଞ୍ଜନ ପ୍ରଧାନ),୨୫।୭**



ରଜନୀକାନ୍ତ ମାଝୀ

- ବିଲ୍ ପାଇଁ କଣ୍ଟ୍ରାକ୍ଟରଙ୍କଠାରୁ ୩୦ ହଜାର ଟଙ୍କା ନେଉଥିଲେ
- ଦୁଇ ସ୍ଥାନରେ ଭିଜିଲାନ୍ସର ଚଢ଼ାଉ, ଆୟ ବହିର୍ଭୂତ ସମ୍ପତ୍ତି ଠାବ

ଅଙ୍ଗନୱାଡ଼ି ଗୃହର ଶେଷ ବିଲ୍ ପାସ୍ କରିବାକୁ ଜଣେ କଣ୍ଟ୍ରାକ୍ଟରଙ୍କଠାରୁ ୩୦ ହଜାର ଲାଞ୍ଚ ନେଉଥିବାବେଳେ ପୁରୀ ଜିଲା ଡେଲାଙ୍ଗ ବ୍ଲକ୍ କନିଷ୍ଠ ଯନ୍ତ୍ରୀ(ଜେଇ) ରଜନୀକାନ୍ତ ମାଝୀ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ଟିମ୍ ଅଭିଯୁକ୍ତ ରଜନୀକାନ୍ତଙ୍କ ନିକଟରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୮/୨୦୨୩) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏଥିସହ ଦୁଇଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିବାବେଳେ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ପିଢପାଟଣା ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ୬ ମାସ ହେବ ସରିଥିବାବେଳେ କଣ୍ଟ୍ରାକ୍ଟର ହୃଷୀକେଶ ଜେନା ଏହାର ଶେଷ ବିଲ୍ କରିବା ପାଇଁ ଯନ୍ତ୍ରୀ ରଜନୀକାନ୍ତଙ୍କୁ ନିବେଦନ କରିଥିଲେ। ହେଲେ ୫ଲକ୍ଷ ଟଙ୍କା କାର୍ଯ୍ୟାଦେଶ ଥିବା ଉକ୍ତ ଗୃହର ବିଲ କରିବାକୁ ରଜନୀକାନ୍ତ ୩୦ ହଜାର ଟଙ୍କା ଦାବି କରିଥିଲେ। ଏନେଇ ହୃଷୀକେଶ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍‌ରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଟିମ୍ ରଜନୀକାନ୍ତଙ୍କୁ ଧରିବାକୁ ପୂର୍ବପ୍ରସ୍ତୁତି କରିଥିଲା। ଯୋଜନା ଅନୁସାରେ, ଅପରାହ୍ନ ପ୍ରାୟ ୫ଟା ୩୦ରେ ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ଜନସେବା କେନ୍ଦ୍ର ନିକଟରେ ହୃଷୀକେଶଙ୍କଠାରୁ ଯନ୍ତ୍ରୀ ରଜନୀକାନ୍ତ ଲାଞ୍ଚ ଟଙ୍କା ଗ୍ରହଣ କରିବା ସମୟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ଏହାପରେ ଯନ୍ତ୍ରୀଙ୍କ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନବକଳେବର ରୋଡ୍‌ରେ ଥିବା ବାସଭବନ ଓ ତାଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଭିଜିଲାନ୍ସ ଟିମ୍ ରଜନୀକାନ୍ତଙ୍କୁ ଗିରଫ ପରେ ଅଧିକ ପଚରାଉଚରା କରୁଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ଦିଆଯାଇଛି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଯନ୍ତ୍ରୀଙ୍କ ଘରେ ଚଢ଼ାଉ ଜାରି ରହିଥିବାରୁ ତାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇନାହିଁ।

## ଅଭ୍ୟାସଗତ ଚୋରଙ୍କୁ ପୁଣି ବର୍ଷେ ଜେଲଦଣ୍ଡ

**ଭୁବନେଶ୍ୱର,୨୫।୭(ସତ୍ୟଜିତ୍ ରାଉତ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ଏକ ଚୋରି ମାମଲାରେ ଭୁବନେଶ୍ୱର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ ବିଚାରପତି ପୂଜା ଜୈନ ଜଣେ ପେସାଦାର ଚୋରଙ୍କୁ ମଙ୍ଗଳବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ସଞ୍ଜୟ ନିଶଙ୍କ। ତାଙ୍କୁ ପୁଣି ୧ ବର୍ଷ ଜେଲଦଣ୍ଡ ହୋଇଛି। ଏହାପୂର୍ବରୁ ତାଙ୍କୁ ଜୁଲାଇ ୧୮ରେ ନୟାପଲ୍ଲୀ ଥାନାର ଅନ୍ୟଏକ ଚୋରି ମାମଲାରେ ୧ ବର୍ଷ ଜେଲଦଣ୍ଡ ହୋଇଥିଲା। ସଞ୍ଜୟଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ଏକାଧିକ ଚୋରି ମାମଲା ରହିଥିବାବେଳେ ସେ ୪୦ ମାମଲାରେ ରିମାଣ୍ଡ ମଧ୍ୟ ହୋଇଛନ୍ତି। ଆଉକିଛି ମାମଲାର ତଦନ୍ତ ଚାଲୁଥିବା ପୋଲିସ କହିଛି। ସଞ୍ଜୟ ଗତବର୍ଷ ନୟାପଲ୍ଲୀ ଥାନାର ମାମଲା (ନଂ.୬୭୩/୨୦୨୩)ରେ ଗିରଫ ହୋଇ ଜେଲ ଯାଇଥିଲେ।



ପୁରୀ: ଶ୍ରୀମନ୍ଦିର ସମ୍ମୁଖରେ ଥିବା ଶେଷ ରଥ ତାଳଧ୍ୱଜକୁ ଖୋଲାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)



ଭୁବନେଶ୍ୱର ଟଙ୍କପାଣି ବ୍ରିଜ୍ ଉପରୁ ମଙ୍ଗଳବାର ଅପରାହ୍ନରେ ମେଘୁଆ ଆକାଶରେ ଇନ୍ଦ୍ରଧନୁର ମନୋରମ ଦୃଶ୍ୟ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସିତୁନ୍



@ ସଚିନ୍ଦ୍ର



@ ପ୍ରଦୀପ



@ ସୁମନ୍ତ



@ ପ୍ରଫୁଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱର ସପକ୍ଷରେ ମତାମତ ଦେବାକୁ ଅପିଲ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୭ (ବନ୍ଦନା ସେଠୀ)**

ସ୍ୱଚ୍ଛ ସର୍ବେକ୍ଷଣ-୨୦୨୩ ଚାଲିଥିବାବେଳେ ଏଥିପାଇଁ ଭୋଟିଂ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ସପକ୍ଷରେ ନାଗରିକମାନେ ନିଜର ମତାମତ (ସିଟିଜେନ୍ ଫିଡ୍‌ବ୍ୟାକ୍) ଦେଇ ସହରକୁ ସର୍ବେକ୍ଷଣରେ ୧ନମ୍ବର କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପିଲ କରିଛନ୍ତି। ଏକ ଭିଡିଓ ବାର୍ତ୍ତାଦେଇ ମୁଖ୍ୟମନ୍ତ୍ରୀ ସମସ୍ତ ଭୁବନେଶ୍ୱରବାସୀଙ୍କୁ ଏନେଇ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଭୁବନେଶ୍ୱରର ବିକାଶଧାରାକୁ ଆଗେଇ ନେବାରେ ଆପଣମାନେ ସବୁ ସମୟରେ ସହଯୋଗ କରିଆସିଛନ୍ତି। ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଭୁବନେଶ୍ୱର ବେଶ୍ ଜଣାଶୁଣା। ଏହା ଲୋକଙ୍କ ପାଇଁ ସମ୍ଭବ ହୋଇପାରିଛି। ଚଳିତବର୍ଷ ମଧ୍ୟ ଭୁବନେଶ୍ୱର ସ୍ୱଚ୍ଛ ସର୍ବେକ୍ଷଣରେ ଭାଗ ନେଇଛି। ଏସ୍‌ବିଏମ୍ ଅର୍ବାନ ପୋର୍ଟାଲରେ ଭୁବନେଶ୍ୱର ସପକ୍ଷରେ ସିଟିଜେନ ଫିଡ୍‌ବ୍ୟାକ୍ ଦେଇ ସର୍ବେକ୍ଷଣ ତାଲିକାରେ ରାଜଧାନୀକୁ ଶୀର୍ଷରେ ରଖିବା ପାଇଁ କହିବା ସହ ଭୁବନେଶ୍ୱର ବାସିନ୍ଦା ଭାବେ ସେ ନିଜେ ମଧ୍ୟ ଭୁବନେଶ୍ୱର ସପକ୍ଷରେ ସିଟିଜେନ ଫିଡ୍‌ବ୍ୟାକ ଦେଇଥିବା କହିଛନ୍ତି। ସୂଚନାଯୋଗ୍ୟ, ସ୍ୱଚ୍ଛ ସର୍ବେକ୍ଷଣ ୨୦୨୨ରେ ଶୀର୍ଷ ୧୦୦ ସହର ମଧ୍ୟରେ ଭୁବନେଶ୍ୱର ସମେତ ଓଡ଼ିଶାର ୧୦ଲକ୍ଷ ଲୋକ ସଂଖ୍ୟା ବିଶିଷ୍ଟ ୪ଟି ସହର ସ୍ଥାନ ପାଇଥିଲା। ରାଉରକେଲା ମ୍ୟୁନିସିପାଲିଟି ୪୫ତମ ର୍‍ୟାଙ୍କ ପାଇଥିବାବେଳେ ପୁରୀ ୫୮ ଏବଂ ଭୁବନେଶ୍ୱର ୮୦ତମ ର୍‍ୟାଙ୍କ ପାଇଥିଲା।

